ବର୍ଷ-୨୬, ସଂଖ୍ୟା-୨୯୨
ଭୁବନେଶ୍ୱର
୧, ନଭେମ୍ବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 292
Bhubaneswar
1, November, 2026, Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଫେରିଲା ଶ୍ରୀଜଗନ୍ନାଥଙ୍କ ଜମି

ପୁରୀ,୩୧।୧୦(ମହାଭାରତ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମି ବିବାଦରେ ଶ୍ରୀମନ୍ଦିର ସପକ୍ଷରେ ଆସିଲା ବଡ଼ ରାୟ। ପୁରୀ ଶଙ୍କରପୁର ମୌଜାର ପ୍ରାୟ ୨୮.୮୪ ଏକର ଜମି ବିବାଦରେ ଚକବନ୍ଦୀ କମିଶନର ଦେଲେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ। ମହାପ୍ରଭୁଙ୍କ ନାଁରେ ଜମି ରେକର୍ଡ କରିବାକୁ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଚକବନ୍ଦୀ କମିଶନର। ଏହି ରାୟ ପରେ ଓମକାରେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଏହି ବିବାଦୀୟ ଜମି ଶ୍ରୀମନ୍ଦିରକୁ ଫେରିଛି। ପୁରୀ ତହସିଲଦାର, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ବାସେଲୀ ସାହି ଥାନା ପୋଲିସ ଉପସ୍ଥିତିରେ ସମ୍ପୃକ୍ତ ଜମିରେ ବୋର୍ଡ଼ ଲଗାଯାଇଛି। ଏହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନିଜସ୍ୱ ଭୂସମ୍ପତ୍ତି ଏବଂ ଅନଧିକାର ପ୍ରବେଶ ଆଇନ ଅନୁସାରେ ଦଣ୍ଡନୀୟ ବୋଲି ବୋର୍ଡ ରେ ଉଲ୍ଲେଖ ରହିଛି।

ତେବେ ଦୀର୍ଘ ବର୍ଷ ଧରି ଶଙ୍କରପୁର ମୌଜା, ଖାତା ନମ୍ବର ୪୧୧ ର ଥିବା ପ୍ରାୟ ୨୮.୮୪ ଏକର ଜମିକୁ ନେଇ ବିବାଦ ଲାଗି ରହିଥିଲା। ୧୯୭୭ ସାବିକ୍ ରେକର୍ଡରେ ଏହି ଜମି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାଁରେ ଥିଲା। ପୁରୁଣା ରେକର୍ଡ, ପଞ୍ଜିକୃତ ଦଲିଲ ଏବଂ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଜମି ସମର୍ପଣ ତଥ୍ୟ ମଧ୍ୟ ଥିଲା। କିନ୍ତୁ ଚକବନ୍ଦୀ ପ୍ରକ୍ରିୟା ବେଳେ ଏହାକୁ ବଦଳାଇ ପୁରୀ ଉତ୍ତର ପାର୍ଶ୍ୱ ମଠ ଏଣ୍ଡାଓମେଣ୍ଟ ଟ୍ରଷ୍ଟି ବୋର୍ଡର ମହନ୍ତ ଶ୍ରୀ ରାମାନୁଜ ଦାସଙ୍କ ନାଁରେ କରାଯାଇଥିବା ଅଭିଯୋଗ କରିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ଏହି ରେକର୍ଡ ପରିବର୍ତ୍ତନ ବେଳେ ନିୟମ ପାଳନ ହୋଇନଥିବା ଏବଂ ଠିକ୍ ଭାବେ ନୋଟିସ୍ ଦିଆଯାଇ ଶୁଣାଣି କରାଯାଇନଥିବା ଦର୍ଶାଇ ଶ୍ରୀମନ୍ଦିର ପରିଚାଳନା କମିଟି ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ଆକ୍ଟ ୧୯୫୮ ର ଧାରା ୧୫(ବି) ଅନୁସାରେ ୨୦୧୬ର ସେଟଲମେଣ୍ଟ ରିଭିଜନ୍ ପିଟିସନ୍ ନଂ ୩୦୩ ଦାଖଲ କରିଥିଲା।

ଏହି ମାମଲାର ଶୁଣାଣି କରି ଚକବନ୍ଦୀ କମିଶନର ପୁରୁଣା ରେକର୍ଡ ଓ ଦଲିଲକୁ ଗୁରୁତ୍ୱ ଦେଇଛନ୍ତି। ଦେବତାଙ୍କ ଉଦ୍ଦେଶ୍ୟରେ ସମ୍ପତ୍ତି ମୌଖିକ ଭାବେ ବି ସମର୍ପଣ କରାଯାଇପାରେ। ସବୁ କ୍ଷେତ୍ରରେ ପଞ୍ଜିକୃତ ଦାନପତ୍ର ଆବଶ୍ୟକ ନୁହେଁ ବୋଲି ଆଇନଗତ ନୀତି ଉଲ୍ଲେଖ କରିଛନ୍ତି। ସମସ୍ତ ତଥ୍ୟକୁ ବିଚାର କରି ଚକବନ୍ଦୀ କମିଶନର ଶ୍ରୀମନ୍ଦିରର ଆବେଦନକୁ ମଞ୍ଜୁର କରିଛନ୍ତି।

ଭୂସ୍ଖଳନ ଓ ଆଗାମୀ ବାତ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମାଟି ତଳେ ନିଖୋଜଙ୍କୁ ଖୋଜିବ ସେନ୍ସର

ଭୁବନେଶ୍ୱର,୩୧।୧୦(ମହାଭାରତ): ରାଜ୍ୟରେ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଂଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟସୂଚୀ ସମ୍ପର୍କରେ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଂଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ସେ କହିଛନ୍ତି। ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି

କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ, ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଂଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଭ୍ରମାତ୍ମକ ଖବରର ନିରାକରଣ ହୋଇପାରିବ ଏବଂ ଜନସାଧାରଣଙ୍କ ନିକଟରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପହଂଚିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ଫଳପ୍ରଦ ହୋଇପାରିବ।

ଏହି ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି।

ଭୂସ୍ଖଳନ ପ୍ରଭାବିତ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ନିମନ୍ତେ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଂଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ୱତନ୍ତ୍ର ସେନ୍ସର ଓ ସ୍କାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ। ବୈଠକର ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଓଡ୍ରାଫ, ଏନଡିଆରଏଫ୍, ଫାୟାର ଏବଂ ଏସଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି।

ଏହି ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଅଂଚଳଗୁଡ଼ିକରେ ଯୁଦ୍ଧକାଳୀନ ଭିତିରେ ବିଦ୍ୟୁତ୍ ସେବା, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଅଧିକାରୀମାନେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରୁଛନ୍ତି, ଯାହାଫଳରେ ଲୋକଙ୍କୁ ଯଥାଶୀଘ୍ର ସ୍ୱାଭାବିକ ସେବା ଯୋଗାଇ ଦିଆଯାଇପାରିବ। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଶ୍ରୀମତୀ ମନୋରମା ମହାନ୍ତି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

୨୫୬ ମହିଳାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଭୁବନେଶ୍ୱର,୩୧।୧୦(ମହାଭାରତ): ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ପାଇଁ ସ୍ଥାୟୀ ରୋଜଗାରର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ପକ୍ଷରୁ ଆରମ୍ଭ ହୋଇଛି ଏକ ଅଭିନବ ପ୍ରୟାସ 'ସାଂସଦ ନିଯୁକ୍ତି ପ୍ରୟାସ'। ଏହି ଅଭିଯାନ ଅଧୀନରେ ବୟନ ଶିଳ୍ପ (ଟେକ୍ସଟାଇଲ୍)

କ୍ଷେତ୍ରରେ ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ପାଇଁ ଆଜି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତାର କୁଶୁଗାଡ଼ିଆ ମଠ ଠାରେ ଏକ ସ୍ୱତନ୍ତ୍ର ମହିଳା ନିଯୁକ୍ତି ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ନିଯୁକ୍ତି ଅଭିଯାନରେ ୧୮ରୁ ୩୫ ବର୍ଷ ବୟସର ପ୍ରାୟ ୩୦୦ ଜଣ ମହିଳା ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫୬ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଟେକ୍ସଟାଇଲ୍ ଶିଳ୍ପ ସଂସ୍ଥା ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ନିଯୁକ୍ତିପ୍ରାପ୍ତ ମହିଳାମାନେ ମାସିକ ୧୧ ହଜାରରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପାଇବା ସହ ପ୍ରୋଭିଡେଣ୍ଟ ଫଣ୍ଡ୍ ଓ ଇ ଏସ ଆଇ ସୁବିଧା ମଧ୍ୟ ପାଇବେ। ଏହା ଦ୍ୱାରା ମହିଳାମାନେ ନିଜ ଆୟରୁ ସଞ୍ଚୟ କରି ଭବିଷ୍ୟତକୁ ଆର୍ଥିକ ଭାବେ ସୁରକ୍ଷିତ କରିପାରିବେ।ଏହି ଅଭିଯାନରେ ଯୋଗଦେଇଥିବା ମହିଳାମାନଙ୍କ ମଧ୍ୟରେ ନିଯୁକ୍ତିପତ୍ର ପାଇବା ପରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଥିଲା। ବାଲିଅନ୍ତା, ବାଲିପାଟଣା ଓ ଜୟଦେବ ନିର୍ବାଚନମଣ୍ଡଳୀର ବହୁ ମହିଳା ଏହି ଅଭିଯାନରେ ସାମିଲ ହୋଇ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୮ଟି ବ୍ଲକ୍ରେ ପ୍ରତି ମାସରେ ଦୁଇଥର ଏଭଳି ନିଯୁକ୍ତି ଅଭିଯାନ ଆୟୋଜନ କରିବାକୁ ଯୋଜନା ରହିଛି। ଏହି ପ୍ରୟାସ ମାଧ୍ୟମରେ ଆଗାମୀ ଦିନରେ ପ୍ରାୟ ୫୦ ହଜାରରୁ ୧ ଲକ୍ଷ ମହିଳାଙ୍କୁ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ତାଙ୍କର ଲକ୍ଷ୍ୟ। ସେ ଆହୁରି କହିଛନ୍ତି, "ମହିଳାମାନେ ନିଜେ ରୋଜଗାରକ୍ଷମ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। କୌଣସି ପରିବାର ଯେପରି ଆର୍ଥିକ ଅସୁବିଧାର ସମ୍ମୁଖୀନ ନହୁଏ, ସେଥିପାଇଁ ମହିଳାମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇଦେବା ମୋର ଦାୟିତ୍ୱ ଓ କର୍ତ୍ତବ୍ୟ।" କାର୍ଯ୍ୟକ୍ରମରେ ଚାରିଟି କମ୍ପାନୀରେ ନିଯୁକ୍ତି ପାଇଥିବା ଯୁବକ-ଯୁବତୀମାନଙ୍କୁ ମଧ୍ୟ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ'ୱାଇଲ୍ଡ ଲୋଟସ୍ ଫ୍ୟାଶନ୍ସ ପ୍ରାଇଭେଟ୍ ଲିମିଟେଡ୍'ର ନିର୍ଦ୍ଦେଶକ ସୁବ୍ରତ ପୃଷ୍ଟି, 'ଇପିକ୍' ର ଜେନେରାଲ୍ ମ୍ୟାନେଜର ସମ୍ବିତ ପଟ୍ଟନାୟକ, 'ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍' ର ଅନାଦି ଚରଣ ଜେନା ଏବଂ 'କଲରଟୋନ୍ ଗାର୍ମେଣ୍ଟସ ପ୍ରାଇଭେଟ୍ ଲିମିଟେଡ' ର ସୁଶାନ୍ତ କୁମାର ଜେନା ଉପସ୍ଥିତ ରହିଥିଲେ।ଏଥିସହିତ ଆଗାମୀ ଦିନରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସଂସଦୀୟ କ୍ଷେତ୍ର ରେ ହେବାକୁ ଥିବା ମହିଳା ନିଯୁକ୍ତି କାର୍ଯ୍ୟକ୍ରମ ମାନଙ୍କରେ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି।ଏହି ଅବସରରେ ଏଭଳି ଶିଳ୍ପ ସୁଯୋଗ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅପରାଜିତା।

ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ବ୍ଲକର ଚାର୍ଜଶିଟ୍ ?

ନୂଆଦିଲ୍ଲୀ,୩୧।୧୦(ମହାଭାରତ): ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀଙ୍କ ଜନ ମହାଭିଯୋଗ କାର୍ଯ୍ୟକ୍ରମ। ବିରୋଧୀ ଇଣ୍ଡିଆ ବ୍ଲକ ଆଜି ଛାୟା ସଂସଦ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଣିଛି ମହାଭିଯୋଗ ପ୍ରସ୍ତାବ। କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ ପକ୍ଷରୁ ଏହି ଛାୟା ସଂସଦରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ହୋଇଛି ଚାର୍ଜଶିଟ। ଜ୍ଞାନେଶ କୁମାରଙ୍କୁ ସିଇସି ମଧ୍ୟରୁ ହଟାଇ ତାଙ୍କ ବିରୋଧରେ ଭୋଟ ଚୋରି ପାଇଁ ଦେଶଦ୍‌ରୋହ ମାମଲା ଚାଲୁ କରିବାକୁ ମହାଭିଯୋଗ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। କଂଗ୍ରେସର ରାଜ୍ୟସଭା ସାଂସଦ ତଥା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ୧୦ ରାଜାଜୀ ମାର୍ଗ ବାସଭବନରେ ଏହି ଚ୍ଛାୟା ସଂସଦ ଶନିବାର ଅପରାହ୍ନ ୩.୩୦ରେ ଆରମ୍ଭ ହୋଇଥିଲା। ଏହାର ଅଧ୍ୟକ୍ଷତା କରିଛନ୍ତି ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାରୀ।

ଭୋଟି ଚୋରି ଅଭିଯୋଗ କରି ଇଣ୍ଡିଆ ବ୍ଲକ ଚ୍ଛାୟା ସଂସଦରେ ସିଇସି ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କ ଉପରେ ଜୋରଦାର ବର୍ଷିଛି। ଚ୍ଛାୟା ସଂସଦରେ ଖଡଗେ 'ଜନ ମହାଭିଯୋଗ' ପ୍ରସ୍ତାବ ଆଗତ କରିଛନ୍ତି। ସେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଥିବା ଅଭିଯୋଗକୁ ମଧ୍ୟ ଉପସ୍ଥାପନ କରିଛନ୍ତି। ତାଙ୍କ କହିବା କଥା ଯେ ଭୋଟର ତାଲିକାର କେନ୍ଦ୍ରୀୟ ନିୟନ୍ତ୍ରଣର ଦୋଷୀ ହେଉଛନ୍ତି ଜ୍ଞାନେଶ କୁମାର। ଇଣ୍ଡିଆ ବ୍ଲକ ସର୍ବସମ୍ମତିକ୍ରମେ ତାଙ୍କ ଇସ୍ତଫା ଦାବି କରୁଛି। ସେ ଭୋଟି ଚୋରିରେ ସହାୟତା

କରିଥିବାରୁ ତାଙ୍କ ବିରୋଧରେ ଦେଶଦ୍‌ରୋହ ମାମଲା ରୁଜୁ କରାଯାଉଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନକୁ ବନ୍ଦ କରାଯାଉ ଓ ୨୦୨୩ରେ ସିଇସି ନିଯୁକ୍ତି ଓ ସୁରକ୍ଷା ପାଇଁ ଏକତରଫା ଭାବେ ପାରିତ ଆଇନକୁ ରଦ୍ଦ କରାଯାଉ। ସିଇସି ଜ୍ଞାନେଶ କୁମାରଙ୍କ ଭଳି ଲୋକ ଯଦି ସାମ୍ବିଧାନିକ ପଦରେ ରହିବେ, ତା'ହେଲେ ଗଣତନ୍ତ୍ର ପାଇଁ ବିପଦ ବୋଲି 'ଜନ ମହାଭିଯୋଗ' ପ୍ରସ୍ତାବରେ ଉଲ୍ଲେଖ କରିଛି।

ଏହି ପ୍ରସ୍ତାବକୁ ଆଗତ କରି ଖଡଗେ କହିଛନ୍ତି ଯେ "୨୦୨୩ ଡିସେମ୍ବରରେ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଜୀବନବ୍ୟାପୀ ଆଇନଗତ ସୁରକ୍ଷା ଦେଇଛି।

ବାସ୍ତବରେ ଏହା ଦେଶ ଓ ସମ୍ବିଧାନ ବିରୋଧରେ ସେ କରିଥିବା ଅପରାଧିକ କାର୍ଯ୍ୟକଳାପରୁ ତାଙ୍କୁ ସୁରକ୍ଷା ଦେବା ପାଇଁ ହୋଇଛି। ତେଣୁ ସିଇସି ଜ୍ଞାନେଶ କୁମାରଙ୍କୁ ତତ୍କାଳ ଭାବେ ବରଖାସ୍ତ କରାଯାଉ।

ଇଣ୍ଡିଆ ବ୍ଲକର ସାଂସଦମାନେ ଦେଶର ୬୦% ଲୋକଙ୍କୁ ପ୍ରତିନିଧିତ୍ୱ କରନ୍ତି। ଏହାବାଦ ଏହି କାର୍ଯ୍ୟକ୍ରମରେ ଅନେକ ସାମାଜିକ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି। ସମସ୍ତେ ମିଳିତ ଭାବେ ସଂକଳ୍ପ ନେଇଛନ୍ତି ଯେ ଭାରତର ଲୋକଙ୍କ ସହ ଏପରି ଘୋର ବିଶ୍ୱାସଘାତକତା ପାଇଁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଦେଶଦ୍‌ରୋହ ମାମଲା ଚାଲିବା ଦରକାର।" ବିଜେପିକୁ ବିରୋଧ କରୁଥିବା ଭୋଟରଙ୍କ ନାଁକୁ ଡିଲିଟ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରର ବ୍ୟବହାର କରିଥିବା ଖଡଗେ ଅଭିଯୋଗ କରିଛନ୍ତି।

ଏକାମ୍ର କ୍ଷେତ୍ରର ନିର୍ମାଣ ଜାନୁଆରୀ ସୁଦ୍ଧା ଶେଷ କର

ଭୁବନେଶ୍ୱର,୩୧।୧୦(ମହାଭାରତ): ଏକାମ୍ର କ୍ଷେତ୍ରର ସାମଗ୍ରିକ ବିକାଶ ତଥା ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖ ଅଂଚଳରେ ଭିତିଭୂମି ବିକାଶ ସହ ପିପିଲି ଚାନ୍ଦୁଆ ହବ ନିର୍ମାଣ ଏବଂ

ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ପୁନରୁଦ୍ଧାର ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ପାର୍କିଂ, ପର୍ଯ୍ୟଟକ ସମ୍ମିଳନୀ କେନ୍ଦ୍ର, ଶୌଚାଳୟ ନିର୍ମାଣ, ଭଜନ ମଣ୍ଡପ ନିର୍ମାଣ ଏବଂ ଅନନ୍ତ ବାସୁଦେବ ପ୍ଲାଜାର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ବିନ୍ଦୁ ସାଗରକୁ ପ୍ରଶସ୍ତ ପାଦଚଲା ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏକାମ୍ର କ୍ଷେତ୍ରକୁ ଏକ ସୁସଂଗଠିତ, ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ସମସ୍ତ ପ୍ରସ୍ତାବିତ କାର୍ଯ୍ୟର ଯୋଜନାବଦ୍ଧ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଏକାମ୍ର କ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ସାମଗ୍ରିକ ଉନ୍ନତିକରଣ କରିବା ସହ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବା ସହ ଆବଶ୍ୟକ ସମସ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୭ ଜାନୁଆରୀ ସୁଦ୍ଧା ଶେଷ କରିବା ଉପରେ ବୈଠକରେ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ। ପିପିଲି ଠାରେ ବହୁତଳ କୋଠା ନିର୍ମାଣ କରାଯାଇ ଚାନ୍ଦୁଆ ହବ ପ୍ରତିଷ୍ଠା ସହ ସେଠାରେ ଦୋକାନ ଗୃହ, ଫୁଡ ପ୍ଲାଜା, ଅଡିଓ ଭିଜୁଆଲ ହଲ, ଶୌଚାଳୟ ଆଦିର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା । ଏହି ଚାନ୍ଦୁଆ ହବର ନିର୍ମାଣ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓବିସିସି ତଥା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟର ସହ ଓଡିଶାର ସଂସ୍କୃତିକ ଭାବାବେଗ ଜଡିତ ଥିବାରୁ ଏହାର ପୁନରୁଦ୍ଧାର ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ପଟେଲଙ୍କ ଆଦର୍ଶରେ ଗଢ଼ିବୁ ସମୃଦ୍ଧ ଓଡ଼ିଶା

ଭୁବନେଶ୍ୱର,୩୧।୧୦(ମହାଭାରତ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜର ଅସାଧାରଣ ରାଜନୈତିକ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଏବଂ ବାସ୍ତବବାଦୀ ନେତୃତ୍ୱ ବଳରେ ୫୬୦ରୁ ଅଧିକ କ୍ଷୁଦ୍ର ଓ ବୃହତ୍ ରାଜ୍ୟକୁ ଏକତ୍ରିତ କରି ଏକ ବିଶାଳ, ଶକ୍ତିଶାଳୀ ଭାରତର ମୂଳଦୁଆ ପକାଇଥିଲେ । ତାଙ୍କ ଜନ୍ମ ଦିବସ କେବଳ ଜୟନ୍ତୀ ପାଳନର ଦିନ ନୁହେଁ, ବରଂ ଏହା ଆମର ସାମୂହିକ ସଂକଳ୍ପ, ଦେଶପ୍ରେମ ଏବଂ ଜାତୀୟ ଅଖଣ୍ଡତା ପ୍ରତି ଆମର ଅଙ୍ଗୀକାରବଦ୍ଧତାର ପ୍ରତୀକ ଅଟେ ବୋଲି ଆଜି 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ ଓଏସଏପି ୭ମ ବାଟାଲିୟନ ପରେଡ ପଡ଼ିଆଠାରେ ଆୟୋଜିତ 'ରାଷ୍ଟ୍ରୀୟ ଏକତା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ପୋଲିସର ନିରନ୍ତର ଅଭିଯାନ

ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି। ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ରାଜ୍ୟର ଶିଳ୍ପାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିଳ୍ପାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୋଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି। ସେହିପରି ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ମିଶ୍ରଣରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରି ଜାତି, ଧର୍ମ, ବର୍ଣ୍ଣ କିମ୍ବା ଭାଷାର ସୀମା ବାହାରେ ସମସ୍ତେ ପ୍ରଥମେ ଭାରତୀୟ ଓ ଓଡ଼ିଆ ହୋଇ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଗୁଜରାଟର ଏକ୍‌ତା ନଗର ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଆୟୋଜିତ ଜାତୀୟ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ସମାରୋହରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, କର୍ମଚାରୀ ବୃନ୍ଦ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଅଂଶଗ୍ରହଣ କରିଥିଲେ।

ଚୁଡ଼ା ଖିରୀ

ଆବଶ୍ୟକ ସାମଗ୍ରୀ: ଚୁଡ଼ା, କ୍ଷୀର, ଚିନି, ମିଲ୍କମେଡ୍, ନଡ଼ିଆ କୋରା, ଗୁଜୁରାତି, କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ, କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି, ମିଲ୍କ ମେଡ୍, ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

ଖବର

ପରଦାର ରାମ-ସୀତାଙ୍କ ବାସ୍ତବ ପ୍ରେମକଥା



ଅମିତାଭ ବଚ୍ଚନଙ୍କ ଲୋକପ୍ରିୟ ଟେଲିଭିଜନ୍ ସୋ' 'କୌନ୍ ବନେଗା କରୋଡ଼ପତି'ର ଦୀପାବଳି ସ୍ୱତନ୍ତ୍ର ଏପିସୋଡ୍‌ରେ ଅତିଥି ହୋଇଥିବା 'ରାମାୟଣ'ର ରାମ-ସୀତା ରଣବୀର କପୁର ଓ ସାଇ ପଲ୍ଲବୀ ନିଜ ଜୀବନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅନୁଭୂତି ବର୍ଣ୍ଣନା କରିଛନ୍ତି। ରଣବୀର କପୁର ପତ୍ନୀ ଆଲିଆ ଭଟ୍ଟଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବା ସମୟର ଏକ ରୋଚକ ଅନୁଭୂତି ସମ୍ପର୍କରେ ସାର୍ବଜନୀନ କରିଛନ୍ତି। ସେ କହିଛନ୍ତି, ଆଲିଆଙ୍କୁ ପ୍ରପୋଜ୍ କରିବା ସମୟରେ ମୋତେ ଲାଗୁଥିଲା, ସେ ଯେମିତି ସିଂହୀ ଓ ମୁଁ ମୂଷା। ମଜାଦାର ଢଙ୍ଗରେ ରଣବୀର କହିଥିଲେ, ଆଲିଆଙ୍କୁ ଆଣ୍ଠୁ ମାଡ଼ି 'ପ୍ରପୋଜ୍' କରିବା ସମୟରେ ତାଙ୍କ ଆଖିରେ ପଡ଼ିଥିଲା ୧୦୦ ଫୁଟ୍ ଦୂରତାରେ ଥିବା ତିନି ସିଂହଙ୍କ ଉପରେ। ସେଇଠି ସେ ନିଜକୁ ମୂଷା ପରି ଅନୁଭବ କରିଥିଲେ। ଅସଲ କାହାଣୀ ହେଲା, ୨୦୨୨ ମସିହାରେ କେନିଆର ମାସାଇ ମାରା ଜଙ୍ଗଲକୁ ଦୁହେଁ ବୁଲି ଯାଇଥିବା ସମୟରେ ଆଲିଆଙ୍କୁ ବିବାହ ପ୍ରସ୍ତାବ ଦେବାକୁ ଯୋଜନା କରିଥିଲେ ରଣବୀର। ଜଙ୍ଗଲ ମଝିରେ କୌଣସି ଏକ ସ୍ଥାନରେ ଗାଡ଼ି ଅଟକାଇ ଆଲିଆଙ୍କୁ ପ୍ରସ୍ତାବ ଦେଇ ସେଇ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଯୋଜନା କରିଥିଲେ ସେ। ପୂର୍ବରୁ ଡ୍ରାଇଭରଙ୍କୁ ସେମାନଙ୍କ ଫଟୋ ଉଠାଇବାକୁ ବି କହିଥିଲେ। କିନ୍ତୁ ଘନ ଜଙ୍ଗଲରେ ସେ ଯେତେବେଳେ 'ପ୍ରପୋଜ୍' କରିବାକୁ ବାହାରିଲେ, ତାଙ୍କ ଠାରୁ ମାତ୍ର ୧୦୦ ଫୁଟ୍ ଦୂରରେ ତିନିଟି ସିଂହ ଠିଆ ହୋଇଥିବା ଦେଖିଥିଲେ। ଏଭଳି ପରିସ୍ଥିତିରେ ଆଲିଆଙ୍କୁ 'ବେବି, ତୁମେ ମୋତେ ବିବାହ କରିବ କି?' ବୋଲି ପଚାରିବା ସମୟରେ ରଣବୀର ଭୟରେ ଥରୁଥିଲେ। ସେହିପରି 'ରାମାୟଣ'ରେ ସୀତାଙ୍କ ଭୂମିକାରେ ଥିବା ସାଇ ପଲ୍ଲବୀ କିଭଳି ଜୀବନସାଥୀଙ୍କୁ ଅପେକ୍ଷା କରିଛନ୍ତି, ତାହା ପ୍ରକାଶ କରିଥିଲେ। ଜୀବନସାଥୀଙ୍କୁ ନେଇ ତାଙ୍କର ବିଶେଷ କିଛି ଦାବି ନଥିଲେ ବି, ସେ ନିଜ ଜୀବନସାଥୀ ଭାବେ ପ୍ରଥମେ ଜଣେ ଭଲ ମଣିଷଙ୍କୁ ଚାହାନ୍ତି ବୋଲି କହିଥିଲେ। ସାଇଙ୍କ ମତରେ, ଭୁଲ୍ ପ୍ରତ୍ୟେକ ଲୋକ ଦ୍ୱାରା ହୋଇଥାଏ। ମାତ୍ର ନିଜ ଭୁଲ୍‌କୁ ବୁଝିପାରୁଥିବା ଏବଂ ତାହାକୁ ସୁଧାରିବାର ମନୋଭାବ ରଖୁଥିବା ବ୍ୟକ୍ତି ହିଁ ଜଣେ ଉତ୍ତମ ମଣିଷ।

ସାତଟି ଦୋଷ

ସଂସାରରେ ରହିଛି ସାତଟି ଦୋଷ। ଯାହା ପାଇଁ ମଣିଷ ପ୍ରତି ମୁହୂର୍ତ୍ତରେ ଭୁଲ୍ କରିବସେ। ଏହି ଦୋଷ ସବୁ ସମ୍ପର୍କ ଏବଂ ବୃତ୍ତିଗତ ଜୀବନକୁ ବିପନ୍ନ କରିଦେଇଥାନ୍ତି । ସେହି ଦୋଷଗୁଡ଼ିକ ହେଲା: ଗର୍ବ, କୃପଣତା, କ୍ରୋଧ, କାମାସକ୍ତ ହେବା, ଈର୍ଷା, ଆଳସ୍ୟ ଏବଂ ଖାଦ୍ୟ ଲାଳସା। ଗର୍ବ ମଣିଷକୁ ପତନ ଆଡ଼କୁ ନେଇଯାଏ। କୃପଣତା ମଧ୍ୟ ଜୀବନରେ ସବୁକିଛି ଥିବା ସତ୍ତ୍ୱେ ଅସୁଖୀ କରିଦେଇଥାଏ। ସେହିପରି କ୍ରୋଧ ସମୟ ଏବଂ ସାମର୍ଥ୍ୟର ଅପଚୟ କରାଇଥାଏ। କିନ୍ତୁ କାମାସକ୍ତ ହେଲେ ମଣିଷ ବ୍ୟକ୍ତିତ୍ୱ ଏବଂ ସମ୍ମାନ ନଷ୍ଟ ହୋଇଯାଏ। ତେବେ ଈର୍ଷା ମଣିଷର ଦୁର୍ବଳତାକୁ ସୂଚାଏ ଏବଂ ହାନିକାରକ କରିଦିଏ। ଆଳସ୍ୟ ବି ବିଫଳତା ଏବଂ ପତନ ଆଡ଼କୁ ନେଇଯାଇଥାଏ। ତେବେ ଖାଦ୍ୟ ଲାଳସା ପ୍ରତିଯୋଗିତାର ମନୋଭାବକୁ ମାରିଦେଇଥାଏ। ପେଟେ ଖାଇ ଶୋଇଯିବାରେ ସନ୍ତୁଷ୍ଟ ଭାବ ଆଣିଦିଏ। ତେଣୁ ଏସବୁକୁ ଅନୁଶୀଳନ କରନ୍ତୁ ଓ ସକଳ କ୍ଷେତ୍ରରେ ସଫଳତା ପ୍ରାପ୍ତ ହୁଅନ୍ତୁ। ଏହି ସାତ ଦୋଷରୁ ନିଜକୁ ମୁକ୍ତ ରଖନ୍ତୁ।

ବ୍ରଣ ସମସ୍ୟାର ଉପଚାର

ଶୀତଦିନେ ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ଏହି ଋତୁରେ ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ୍ୟ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ।

- କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ଏଇ ଦିନେ ବଢ଼ିବାର ସମସ୍ୟା ଉପୁଜେ।
- ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦ୍ଦି ହେବାର ଭୟ ରହିଛି।
- ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍।
- ଶୀତରେ ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ। ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ।

ଗୀତା ମାଧ୍ୟମରେ କର୍ମପ୍ରବଣତା

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍

ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା, ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ, ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

ଓଡ଼ିଶାର ମହିଳାଙ୍କ ହାତରେ ନୂଆ ଭବିଷ୍ୟତର ଷ୍ଟିଅରିଂ

ଭୁବନେଶ୍ୱର,୩୧।୧୦ (ମହାଭାରତ): ମହିଳାଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲୁଥିବା ଜଣେ ପ୍ରଶାସକ ଏବଂ ସେହି ସୁଯୋଗକୁ ଆପଣାଇ ଆଗକୁ ବଢ଼ିବାର ସାହସ ଦେଖାଇଥିବା ଜଣେ ମହିଳା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ କେନ୍ଦୁଝର ଜିଲ୍ଲାର ସୁଭଲକ୍ଷ୍ମୀ ମହାନନ୍ଦଙ୍କ ମଧ୍ୟରେ ସାକ୍ଷାତ କେବଳ ଏକ ଫଟୋଚିତ୍ରରେ ସୀମିତ ନୁହେଁ; ଏହା ଓଡ଼ିଶାର ପରିବହନ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଓ ପରିବର୍ତ୍ତନର ଏକ ପ୍ରେରଣାଦାୟକ ଚିତ୍ର। ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳିକା ଭାବେ ପରିଚିତ ସୁଭଲକ୍ଷ୍ମୀଙ୍କ ଯାତ୍ରା ପ୍ରତିଷ୍ଠାନଗତ ସଂକଳ୍ପ ଓ ବ୍ୟକ୍ତିଗତ ସାହସର ଏକ ଉତ୍କୃଷ୍ଟ ଉଦାହରଣ । ଉପଯୁକ୍ତ ନୀତି, ପ୍ରଶିକ୍ଷଣ ଓ ନିରନ୍ତର ସହଯୋଗ ମାଧ୍ୟମରେ ମହିଳାମାନେ କିପରି ପାରମ୍ପରିକ ଧାରଣାକୁ ଅତିକ୍ରମ କରି ନୂଆ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରନ୍ତି, ତାହା ତାଙ୍କ ଅଭିଜ୍ଞତାରୁ ସ୍ପଷ୍ଟ ହୁଏ।

ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ଏବଂ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀର ପରିପ୍ରେକ୍ଷୀରେ ଏହି ସାକ୍ଷାତର ବିଶେଷ ଗୁରୁତ୍ୱ ରହିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ୟୁଏମ୍‌ଆଇ ଆୟୋଜନ କରି ଓଡ଼ିଶା ସୁଗମ ପରିବହନ, ସମାବେଶୀ ବିକାଶ ଓ ବାସଯୋଗ୍ୟ ସହର ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିଛି। କେନ୍ଦୁଝରରୁ ଆସି 'ଆମ ବସ୍'ର ଚାଳକ ଆସନରେ ବସିବା ପର୍ଯ୍ୟନ୍ତ ସୁଭଲକ୍ଷ୍ମୀଙ୍କ ଯାତ୍ରା ଅନେକ ଯୁବତୀଙ୍କ ପାଇଁ ପ୍ରେରଣା । ଯେଉଁ ବୃତ୍ତି ଏକଦା ମହିଳାଙ୍କ ପାଇଁ ଅସାଧାରଣ ବୋଲି ବିବେଚିତ ହେଉଥିଲା, ଆଜି ତାହା ଏକ ସମ୍ଭାବ୍ୟ କ୍ୟାରିୟର ଭାବେ ଉଭା ହେଉଛି । ତାଙ୍କର ପ୍ରତ୍ୟେକ ଯାତ୍ରା ଏହି ବାର୍ତ୍ତା ଦେଉଛି ଯେ ମହିଳାମାନେ ସାର୍ବଜନୀନ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ମଧ୍ୟ ନେତୃତ୍ୱ ନେବା ସହ ନିଜର ଦକ୍ଷତା ପ୍ରମାଣ କରିପାରିବେ। ଏହି ପରିବର୍ତ୍ତନ ପଛରେ ବାଣିଜ୍ୟ ଓ ପରିବହନ ବିଭାଗ, ପରିବହନ ଆୟୁକ୍ତ ଏବଂ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ସମନ୍ୱିତ ଉଦ୍ୟମ ରହିଛି । ନୀତି ପ୍ରଣୟନ, ପ୍ରଶିକ୍ଷଣ, ଜୀବିକାର ସୁଯୋଗ ଓ ପରିବହନ ସେବାର ପରିଚାଳନା ମାଧ୍ୟମରେ ମହିଳାଙ୍କ ପାଇଁ ଏହି କ୍ଷେତ୍ରରେ ପ୍ରବେଶ ଓ ଏକ ସ୍ଥାୟୀ କ୍ୟାରିୟର ଗଢ଼ିବାର ଅନୁକୂଳ ପରିବେଶ ସୃଷ୍ଟି କରାଯାଉଛି। ପରିବହନ କ୍ଷେତ୍ରରେ

ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ କ୍ରୁଟ୍ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଭାରୀ ମୋଟର ଯାନ ଚାଳନା ଲାଇସେନ୍ସ ଥିବା ୨୦ ଜଣ ମହିଳାଙ୍କୁ ଉନ୍ନତ ଇଲେକ୍ଟ୍ରିକ୍ ବସ୍ ଚାଳନା ପ୍ରଶିକ୍ଷଣ ପ୍ରଦାନ ଏହାର ଏକ ଉଲ୍ଲେଖନୀୟ ପଦକ୍ଷେପ । ଚାଳିକା, କଣ୍ଡକ୍ଟର ଓ ଫିଡର୍ ସେବା କର୍ମଚାରୀ ଭାବେ କାର୍ଯ୍ୟରତ ମହିଳାମାନେ ସାର୍ବଜନୀନ ପରିବହନକୁ ଅଧିକ ସମାବେଶୀ କରିବା ସହ ନିଜର ପେସାଦାରିତା ଓ ଦକ୍ଷତାର ପରିଚୟ ଦେଉଛନ୍ତି । ଏହି ଲକ୍ଷ୍ୟକୁ ଆହୁରି ବ୍ୟାପକ କରିବା ପାଇଁ 'ଆତ୍ମନିର୍ଭର ମହିଳା ସୁବାହକ' ଯୋଜନାର ପରିକଳ୍ପନା କରାଯାଇଛି । ଏହା ମାଧ୍ୟମରେ ଓଡ଼ିଶାରେ ମହିଳାଙ୍କ ନେତୃତ୍ୱରେ ୨,୪୫୦ଟି ପରିବହନ ଉଦ୍ୟୋଗ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଯାନ କ୍ରୟ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ, ଇଲେକ୍ଟ୍ରିକ୍ ଯାନ କ୍ରୟ ନିମନ୍ତେ ଅତିରିକ୍ତ ୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ଏବଂ ମାଗଣା ଚାଳନା ଓ ଉଦ୍ୟୋଗ ପରିଚାଳନା ପ୍ରଶିକ୍ଷଣ ସହ ଲାଇସେନ୍ସ ପାଇବାରେ ସହାୟତା ଏହି ଯୋଜନାର ପ୍ରମୁଖ ବ୍ୟବସ୍ଥା । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅନ୍ୟ ଯୋଗ୍ୟ ମହିଳାଙ୍କୁ ପ୍ରାଥମିକତା ଦେବା ସହ ଯାତ୍ରୀ ପରିବହନ ଡିଜିଟାଲ୍ ପ୍ଲାଟଫର୍ମ ସହ ସଂଯୋଗ ମାଧ୍ୟମରେ ମହିଳାଙ୍କ ଦକ୍ଷତା ଓ ଯାନ ମାଲିକାନାକୁ ଆୟବୃଦ୍ଧିର ସୁଯୋଗରେ ପରିଣତ କରିବା ଏହାର ଉଦ୍ଦେଶ୍ୟ । ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ସାର୍ବଜନୀନ ପରିବହନ ବ୍ୟବସ୍ଥାର ସମ୍ପ୍ରସାରଣ ସହ ସମାନ୍ତରାଳ ଭାବେ ଆଗକୁ ବଢୁଛି । କ୍ରୁଟ୍ ତାହାର ସେବା ଗୋଟିଏ ସହରରେ ସୀମିତ ପରିଚାଳନାରୁ ଆଜି ୧୩୮ଟି ରୁଟ୍‌ରେ ୭୭୦ଟି ବସ୍‌ର ଏକ ବ୍ୟାପକ ନେଟୱର୍କରେ ପରିଣତ ହୋଇଛି । ଏହି ବସ୍‌ବାହିନୀର ୫୧ ପ୍ରତିଶତ ଇଲେକ୍ଟ୍ରିକ୍ ବସ୍ । ସେହିପରି ପ୍ରାୟ ୪୮ ପ୍ରତିଶତ ଟିକେଟ୍ କାରବାର ନଗଦବିହୀନ ପଦ୍ଧତିରେ ହେଉଛି, ଯାହା ଡିଜିଟାଲ୍ ପେମେଣ୍ଟ ଓ ଆଧୁନିକ ଯାତ୍ରୀ ସେବାର ବଢୁଥିବା ଗ୍ରହଣୀୟତାକୁ ପ୍ରତିଫଳିତ କରୁଛି । ୟୁ ଏମ୍ ଆଇ ୨୦୨୬ରେ କ୍ରୁଟ୍ ପକ୍ଷରୁ ସ୍ଥାପିତ ପ୍ରଦର୍ଶନୀ ମଣ୍ଡପରେ 'ଆମ ବସ୍', ବିଦ୍ୟୁତ୍ ଚାଳିତ ପରିବହନ, 'ଓଡ଼ିଶା ଯାତ୍ରୀ', ସ୍ମାର୍ଟ ପରିବହନ ପରିଚାଳନା ବ୍ୟବସ୍ଥା, ଡିଜିଟାଲ୍ ଟିକେଟିଂ, ଯାତ୍ରୀ ସୁରକ୍ଷା ଓ ସୁଗମ ଯାତାୟାତ ସମ୍ପର୍କିତ ପଦକ୍ଷେପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା ।

ଡିସେମ୍ବର ୧୪ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ

ଭୁବନେଶ୍ୱର,୩୧।୧୦ (ମହାଭାରତ): ଗତ ଦୁଇବର୍ଷ ଧରି ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କୃତ କରିଆସୁଥିବା ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ମାସ ୧୪ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରାଯାଇଛି। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ଉନ୍ନତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନକୁ ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚନା କରାଯାଇ ତାହା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ। ମାତ୍ର ଆମ ଦେଶରେ, ବିଶେଷତଃ ଓଡ଼ିଶାରେ ପ୍ରୁଫ୍-ସଂଶୋଧନକୁ ଅଣଦେଖା କରାଯାଉଥିବାରୁ ପ୍ରକାଶନ କ୍ଷେତ୍ରରେ ଗୁରୁତର ସଂକଟ ପରିଲକ୍ଷିତ ହେଉଛି । ସଂପ୍ରତି ଆମ ରାଜ୍ୟରେ ଠିକ୍ ଭାବେ ପ୍ରୁଫ୍-ସଂଶୋଧନ ହେଉନଥିବାରୁ ପ୍ରକାଶିତ ପାଠ୍ୟପୁସ୍ତକ ସମେତ ସକଳ ପ୍ରକାର ପୁସ୍ତକରେ ବହୁସଂଖ୍ୟକ ତ୍ରୁଟି ପରିଲକ୍ଷିତ ହୋଇଥିବା ଶ୍ରୀ ମହାନ୍ତ ଉଲ୍ଲେଖ କରିଥିଲେ। ସେ ପୁଣି ଦର୍ଶାଇଥିଲେ ଯେ, ଗୋପାଳକୃଷ୍ଣ ଗୋଖଲେଙ୍କ ଶିକ୍ଷା ସମ୍ବନ୍ଧୀୟ ଲେଖାଗୁଡ଼ିକର ଗୁଜୁରାଟି ଭାଷାରେ ଅନୁବାଦକୁ ଛପାଯାଇ ମହାତ୍ମା ଗାନ୍ଧିଙ୍କ ପାଖକୁ ମୁଖବନ୍ଧ ଲେଖିବା ପାଇଁ ପଠାଯାଇଥିଲା । ମାତ୍ର ଯଥାବିଧି ପ୍ରୁଫ୍-ସଂଶୋଧନ ହୋଇନଥିବାରୁ ତହିଁରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହା ଗାନ୍ଧିଜୀଙ୍କୁ ବ୍ୟଥିତ କରିଥିଲା ଏବଂ ସେ ତ୍ରୁଟିପୂର୍ଣ୍ଣ ଛପା ଫର୍ଦ୍ଦଗୁଡ଼ିକୁ ଜାଳିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ମହାନ୍ତ କହିଥିଲେ ଯେ, ସମାଜ ଆଗରେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ଉପସ୍ଥାପନ କରିବା ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଜାତୀୟ ପ୍ରୁଫ୍-ସଂଶୋଧନ ଦିବସ ରୂପେ ପାଳନ କରାଯାଇଥାଏ । ମାତ୍ର ଆମ ଦେଶରେ ପ୍ରୁଫ୍-ସଂଶୋଧନକୁ ଗୌଣ ବିବେଚନା କରାଯାଉଥିବାରୁ ଭାରତୀୟ ଭାଷାସମୂହରେ ଲିଖିତ ପୁସ୍ତକ ଆଦିରେ ବର୍ଣ୍ଣାଶୁଦ୍ଧି ଭରିଯାଉଛି।

ଓମ୍ ବିହାରର ରାସ୍ତା ଓ ଡ୍ରେନ୍ ଲୋକାର୍ପିତ

ଭୁବନେଶ୍ୱର,୩୧।୧୦ (ମହାଭାରତ): ଭୁବନେଶ୍ୱର ର ଜନସାଧାରଣଙ୍କ ଆବଶ୍ୟକତା ପୂରଣ ମୋର ପ୍ରଥମ ପ୍ରାଥମିକତା। ଜନସେବା ହିଁ ଆମର ସଂକଳ୍ପ, ଜନସାଧାରଣଙ୍କ ସନ୍ତୋଷ ହିଁ ଆମର ସଫଳତା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ଉଚିତ୍ ବ୍ୟବସ୍ଥା ସହିତ ପାନୀୟ ଜଳ,ବିଜୁଳି ଯୋଗାଣ ଇତ୍ୟାଦି କୁ ନେଇ ସବୁବେଳେ କାର୍ଯ୍ୟ ଚାଲିଥିବା ବେଳେ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ର ଉନ୍ନତି ପାଇଁ ମଧ୍ୟ ବିଭିନ୍ନ ସ୍ୱରେଜ୍ ଓ ଡ୍ରେନେଜ୍ କାର୍ଯ୍ୟ ଆବଶ୍ୟକତା ମୁତାବକ ଜାରି ରହିଛି । ତେବେ ଏହି ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ଆଜି ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣୀବିହାର ମଣ୍ଡଳର ୧୦ ନମ୍ବର ୱାର୍ଡର ଓମ୍ ବିହାର ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି। ପାଖାପାଖି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଲୋକ ମାନଙ୍କ ଜୀବନ ଧାରଣ ର ମାନ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ଗତ ୨୦୨୫ ମସିହା ଫେବୃଆରୀ ମାସରେ ସ୍ଥାନୀୟ ଜନସାଧାରଣ ଓମ୍ ବିହାର ଅଞ୍ଚଳର ରାସ୍ତା ଓ ଡ୍ରେନ୍ ସମସ୍ୟା ସମ୍ପର୍କରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଅବଗତ କରାଇଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ, ସମନ୍ୱୟ ଓ ଅକ୍ଳାନ୍ତ ପ୍ରୟାସ ଫଳରେ ଆଜି ଏହି କାର୍ଯ୍ୟ ସଫଳ ରୂପ ନେଇପାରିଛି ବୋଲି କହିଛନ୍ତି ସାଂସଦ। ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ସାଂସଦ ପ୍ରତିନିଧି ପ୍ରଣୟ କାରଣ, ମନ୍ମଥ ନାୟକ, ଓମ୍ ବିହାର କମିଟି ସଭାପତି ରମାକାନ୍ତ ପଣ୍ଡା , ରଜତ ପାତ୍ର, ମଣ୍ଡଳ ସଭାପତି ଲିପା ଦାସ,ୱାର୍ଡ ସଭାପତି ସୌଭାଗ୍ୟ, ସ୍ଥାନୀୟ ତହସିଲଦାର, ବହୁ ନେତୃବୃନ୍ଦ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ବୟୋଜ୍ୟେଷ୍ଠ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ମହିଳା ପରିଚାଳିତ କମ୍ପାନୀ ନିର୍ଦ୍ଦେଶକଙ୍କ ପାଇଁ ତାଲିମ

ଭୁବନେଶ୍ୱର,୩୧।୧୦ (ମହାଭାରତ): ରାଜ୍ୟରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉତ୍ପାଦକ କମ୍ପାନୀଗୁଡ଼ିକୁ ଅଧିକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରର ପୋଖରୀପୁଟସ୍ଥିତ ମିଶନ ଶକ୍ତି ଭବନଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହିଳା ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ ମହିଳା ଆଜି ସଫଳତାର ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛନ୍ତି। ନିରନ୍ତର ପ୍ରୟାସ, ସକାରାତ୍ମକ ପ୍ରଚେଷ୍ଟା, ଅଦମ୍ୟ ସାହସ ଓ ଉଦ୍ୟୋଗୀ ମନୋବୃତି ଆମ ମହିଳାଙ୍କୁ ଆଜି ସଫଳ କରାଇପାରିଛି। ମହିଳାଙ୍କୁ ପ୍ରେରିତ, ଉତ୍ସାହିତ ଓ ଦିଗଦର୍ଶନ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ବଜେଟରୁ ଓ ବ୍ୟାଙ୍କମାନଙ୍କ ମାଧ୍ୟମରେ ରାଜ୍ୟ ସରକାର ଆମ ମହିଳାଙ୍କୁ ସୁଧରହିତ ଋଣ ପୁଞ୍ଜି ଯୋଗାଇ ଦେଉଅଛନ୍ତି ଏବଂ ତତସହିତ ମହିଳାମାନଙ୍କୁ ଉତ୍ପାଦନ ଓ ବ୍ୟାପାର ସମ୍ବନ୍ଧୀୟ ପ୍ରଶିକ୍ଷଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ ବ୍ୟାପକ ସହଯୋଗ କରୁଅଛନ୍ତି। ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ (ଏକ୍ସଆଇଏମବି) ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱାର୍କ ଆଣ୍ଡ ସୋସିଆଲ୍ ସାଇନସେସ୍ (ନିସ୍ୱାସ)ର ମିଳିତ ସହଯୋଗରେ ମହିଳା ଉତ୍ପାଦକ କମ୍ପାନୀର ସଦସ୍ୟାଙ୍କୁ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପ୍ରଶିକ୍ଷଣ ଅକ୍ଟୋବର ୨୬ରୁ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ମୋଟ ୧୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିରେ କୃଷି ଉତ୍ପାଦକ କ୍ଲଷ୍ଟର ଅଧୀନରେ ଥିବା ୬୩ଟି ମହିଳା ଉତ୍ପାଦକ କମ୍ପାନୀ ଏବଂ ଗୋଟିଏ ମିଲେଟ୍ ଉତ୍ପାଦକ କମ୍ପାନୀର ମୋଟ ୩୨୦ ଜଣ ପରିଚାଳନା ପରିଷଦ ସଦସ୍ୟା ପ୍ରଶିକ୍ଷଣ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ୫ ଗୋଟି ମହିଳା ଉତ୍ପାଦକ କମ୍ପାନୀର ୨୫ ଜଣ ପରିଚାଳନା ପରିଷଦ ସଦସ୍ୟା ଯୋଗଦାନ କରିଅଛନ୍ତି। ପ୍ରଶିକ୍ଷଣ ସମୟରେ ମହିଳା ସଦସ୍ୟାମାନଙ୍କୁ କୃଷି ଉତ୍ପାଦକ ସଂଗଠନର ସୁପରିଚାଳନା, ନେତୃତ୍ୱ ବିକାଶ, ଆର୍ଥିକ ସହାୟତା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ବଜାର ସଂଯୋଗ ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ଏହା ସହିତ ଗୋଷ୍ଠୀ ଆଲୋଚନା, ବ୍ୟବହାରିକ ଅଭ୍ୟାସ ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ସେମାନଙ୍କ ଉଦ୍ୟୋଗ ପରିଚାଳନା ଦକ୍ଷତା ବୃଦ୍ଧି କରାଯିବ।

ବରିଷ୍ଠଙ୍କୁ ବିଜେପି ଆକ୍ଷେପ କରିବା ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର,୩୧।୧୦ (ମହାଭାରତ): ବିଜୁ ଜନତା ଦଳର ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ବିଜେପି ନେତାଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଏବଂ ବିଭିନ୍ନ କ୍ଷେତ୍ରରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇ ବିଜେପି ହତାଶ ହୋଇପଡ଼ିଛି । ନିଜର ବିଫଳତାକୁ ସ୍ୱୀକାର କରିବା ଓ ଲୋକଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଜେପି ବର୍ତ୍ତମାନ ବରିଷ୍ଠ ରାଜନୈତିକ ନେତାମାନଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ ଓ ଅନୁଚିତ ମନ୍ତବ୍ୟ ଦେବାରେ ଲାଗିଛି। ଡ. ମହାନ୍ତି କହିଛନ୍ତି ଯେ, ନବୀନ ପଟ୍ଟନାୟକ ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ନିଜର ମତ ରଖି ଜଣେ ପ୍ରକୃତ ରାଷ୍ଟ୍ରନାୟକଙ୍କ ସାହସ ଓ ଦୃଢ଼ତାର ପରିଚୟ ଦେଇଛନ୍ତି । ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନ୍ୟାୟିକ ହାଜତ ପ୍ରସଙ୍ଗରେ ନବୀନ ବାବୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ସେମାନଙ୍କ ନ୍ୟାୟିକ ହାଜତର ସମୀକ୍ଷା କରାଯିବା ଆବଶ୍ୟକ ଏବଂ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବା ଉଚିତ । ଲକ୍ଷ ଲକ୍ଷ ଭାରତୀୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସମର୍ଥନ କରିଥିଲେ ।ଶ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର ୨୪ ଘଣ୍ଟା ମଧ୍ୟରେ ଉଭୟ ଯୁବ ନେତା ମୁକ୍ତ ହୋଇଥିଲେ । ଏହି ଘଟଣା ବିଜେଡି ସଭାପତି ଉଠାଇଥିବା ପ୍ରସଙ୍ଗର ଗୁରୁତ୍ୱ ଏବଂ ତାଙ୍କ ଆହ୍ୱାନ ଦ୍ୱାରା ସୃଷ୍ଟି ହୋଇଥିବା ବ୍ୟାପକ ଜନଆକ୍ରୋଶକୁ ପ୍ରତିଫଳିତ କରୁଛି । ବୟସକୁ ନେଇ ବିଜେପି ନେତାମାନଙ୍କ ସାମ୍ପ୍ରତିକ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛି ବିଜେଡି। ରାଜନୈତିକ ମତଭେଦ କେବେହେଲେ ବ୍ୟକ୍ତିଗତ ଆକ୍ଷେପ କିମ୍ବା ବରିଷ୍ଠ ନେତାଙ୍କ ପ୍ରତି ଅସମ୍ମାନର କାରଣ ହେବା ଉଚିତ ନୁହେଁ ।

ମାସ୍ ଏକ୍ସିଲେନ୍ସି ସମ୍ମାନ ପ୍ରଦାନ

ଭୁବନେଶ୍ୱର,୩୧।୧୦ (ମହାଭାରତ): ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଇଂରାଜୀ ପତ୍ରିକା "ମାସ୍ ଆଉଟ୍‌ରିଚ୍" ତରଫରୁ 'ମାସ୍ ଏକ୍ସିଲେନ୍ସି ସମ୍ମାନ' ମାଗାଜିନ୍‌ର ସମ୍ପାଦକ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ଦିଲ୍ଲୀ ଶ୍ରୀଚନ୍ଦନ, ଓଡ଼ିଶା ପାଇକ ଆଖଡା ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଅଭିନେତା ଚନ୍ଦନ କର, ସମାଜସେବୀ ନିରୋଜାଲକ୍ଷ୍ମୀ ମହାପାତ୍ର, ବିଶିଷ୍ଟ ଲେଖକ ଓ ସଂଳାପକାର ଡ. ରଜନୀରଞ୍ଜନ, ସମାଜସେବୀ ଡ. ନିବେଦିତା ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ସୁଧାଂଶୁ ଶେଖର ବିଶ୍ୱାଳ, ଆଶୁତୋଷ ମହାଲିକ୍, ଇଫ୍‌ତିକାର ଅଲ୍ଲୀ ଖାନ, ଲକ୍ଷ୍ମୀପ୍ରିୟା ପ୍ରଧାନ, ନିର୍ଭିକ ଖବର, ଡ. ପ୍ରଦୀପ କୁମାର ଦେହୁରୀ, ହର ପ୍ରସାଦ ମହାପାତ୍ର, ସସ୍ମିତା ମଙ୍ଗରାଜ, ସୁନିତା ମହାପାତ୍ରଙ୍କୁ 'ମାସ୍ ଏକ୍ସିଲେନ୍ସି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ସୂଚନା କମିଶନର

ଭୁବନେଶ୍ୱର,୩୧।୧୦ (ମହାଭାରତ): ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ଶ୍ରୀ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶା ସୂଚନା ଆୟୋଗର ଏକ ପ୍ରତିନିଧି ଦଳ ସୋମବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଅନ୍ୟ ରାଜ୍ୟ ସୂଚନା କମିଶନର ଶ୍ରୀ ଜଗନ୍ନାଥ ରଥ, ଶ୍ରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ ଶ୍ରୀମତୀ କଳ୍ପନା ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ରାଜ୍ୟପାଳଙ୍କୁ ଆୟୋଗର ଉପଲବ୍ଧି ବାବଦରେ ଅବଗତ କରାଯାଇଥିଲା । ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୮ ମାସ ମଧ୍ୟରେ ବିଚାରାଧୀନ ମାମଲା ସଂଖ୍ୟା ୨୨,୦୦୦ ରୁ ୫,୫୦୦ କୁ ହ୍ରାସ କରାଯାଇପାରିଛି। ଆୟୋଗ ଦେଶର ସର୍ବୋତ୍ତମ କାର୍ଯ୍ୟପଦ୍ଧତି ଅନୁସରଣ କରି ଶୁଣାଣି ଦିନ ହିଁ ସଂକ୍ଷିପ୍ତ ଆଦେଶନାମା ଜାରି କରିବାର ବ୍ୟବସ୍ଥା ଗ୍ରହଣ କରିଛି। ଏହା ବ୍ୟତୀତ, ଆବେଦନକାରୀଙ୍କ ସୁବିଧା ପାଇଁ ସମସ୍ତ ଶୁଣାଣି ଓଡ଼ିଆ ଭାଷାରେ କରାଯାଇଛି ବୋଲି କମିଶନର ଶ୍ରୀ ପରିଡ଼ା କହିଛନ୍ତି। ରାଜ୍ୟପାଳଙ୍କୁ ମୁଖ୍ୟ ସୂଚନା କମିଶନର ଶ୍ରୀ ପରିଡ଼ା ଜଣାଇଛନ୍ତି ଯେ,ଦୂର-ଦୂରାନ୍ତ ଅଂଚଳର ଆବେଦନକାରୀମାନଙ୍କୁ ନିଜ ମାମଲାର ବିଚାର ପାଇଁ ଭୁବନେଶ୍ୱର ଆସିବାକୁ ନ ପଡୁ, ସେଥିପାଇଁ ଆୟୋଗ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଉପଲବ୍ଧ କରାଇଛି। ଏହା ସହିତ, ଅନଲାଇନ୍ ମାଧ୍ୟମରେ ଆବେଦନ ଦାଖଲ କରିବା ଏବଂ ଚୂଡ଼ାନ୍ତ ଆଦେଶନାମାଗୁଡ଼ିକୁ ଡିଜିଟାଲ୍ ପଦ୍ଧତିରେ ଅପଲୋଡ୍ କରିବାର ସୁବିଧା ମଧ୍ୟ କରାଯାଇଛି। ପ୍ରାୟ ୩୦୦ ଆଇନ ଛାତ୍ରଛାତ୍ରୀଙ୍କୁ ଆରଟିଆଇ ବା ସୂଚନା ଅଧିକାର ସମ୍ବନ୍ଧୀୟ ବିଷୟରେ ପ୍ରଶିକ୍ଷଣ ଓ ବ୍ୟାବହାରିକ ଅନୁଭୂତି ପ୍ରଦାନ କରାଯାଇଛି।

ହବିଷ୍ୟାଳୀ ମା'ମାନଙ୍କ ଭକ୍ତିଭାବନାକୁ କୁଠାରାଘାତ କରୁଛି ସରକାର

ଭୁବନେଶ୍ୱର,୩୧।୧୦ (ମହାଭାରତ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ରାଧାଦାମୋଦର ବ୍ରତ ପାଳନ ପାଇଁ ଆସିଥିବା ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇଛି । ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଚିକିତ୍ସା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାରେ ବିଜେପି ସରକାର କ୍ରମାଗତ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ । ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଗତ ୩ ବର୍ଷ ଧରି ହବିଷ୍ୟାଳୀ ମା'ମାନଙ୍କ ପାଇଁ ସୁବ୍ୟବସ୍ଥା ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହା କେବଳ ଏକ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ବରଂ ଓଡ଼ିଆଙ୍କ ଧାର୍ମିକ ଭାବନା, ପରମ୍ପରା ଓ ମହାନ ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା । ହବିଷ୍ୟାଳୀ ମା'ମାନଙ୍କ ଆସ୍ଥା ଓ ଭାବାବେଗକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ଅସୁବିଧାରେ ପକାଇବା ଅତ୍ୟନ୍ତ ଦୁଃଖଦାୟକ । ନବୀନ ସରକାର ସମୟରେ ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥିତ ଆୟୋଜନ କରାଯାଉଥିଲା । ଦୂରଦୂରାନ୍ତରୁ ଆସୁଥିବା ବୟସ୍କା ମହିଳାମାନେ ନିରାପଦରେ ରହି ବିନା ବାଧାରେ ନିଜର ବ୍ରତ ପାଳନ କରିପାରୁଥିଲେ । କିନ୍ତୁ ଆଜି ଅନେକ ହବିଷ୍ୟାଳୀ ମା' ମାନେ ରହିବା ପାଇଁ ସ୍ଥାନ ନପାଇ ରାସ୍ତାକଡ଼ରେ ଓ ଖୋଲା ଆକାଶ ତଳେ ରାତି କାଟିବାକୁ ବାଧ୍ୟ ହେଉଛନ୍ତି । ପଞ୍ଜୀକରଣ ହୋଇନଥିବା ଅନେକ ହବିଷ୍ୟାଳୀଙ୍କୁ ଆଶ୍ରୟ ନଦେବା ଏବଂ ସୀମିତ ବ୍ୟବସ୍ଥା କରି ଅନ୍ୟମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ।

ସେମାନଙ୍କ ବୟସ, ଶାରୀରିକ ଅସୁବିଧା ଓ ଭକ୍ତିଭାବନାକୁ ବିଚାରକୁ ନନେବା ସରକାରଙ୍କ ଅସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି । ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କଥା କହୁଥିବା ବିଜେପି ସରକାରଙ୍କ ଏଭଳି କାର୍ଯ୍ୟ ଓ ଆଚରଣ ମଧ୍ୟରେ ସ୍ପଷ୍ଟ ବିରୋଧାଭାସ ରହିଛି । ହବିଷ୍ୟାଳୀ ମା'ମାନଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା, ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟସେବା, ନିରାପଦ ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଉ। ଦୂରଦୂରାନ୍ତରୁ ଆସିଥିବା କୌଣସି ହବିଷ୍ୟାଳୀ ମା'ମାନଙ୍କୁ କେବଳ ପଞ୍ଜୀକରଣ ନଥିବା କାରଣରୁ ଅସହାୟ ଅବସ୍ଥାରେ ଛାଡ଼ି ଦିଆନଯାଉ। ଆବଶ୍ୟକ ସ୍ଥଳେ ଅତିରିକ୍ତ ଅସ୍ଥାୟୀ ଶିବିର ଖୋଲି ସମସ୍ତଙ୍କ ପାଇଁ ମାନବିକ ଓ ସମ୍ମାନଜନକ ବ୍ୟବସ୍ଥା କରାଯାଉ। ବିଜୁ ଜନତା ଦଳ ହବିଷ୍ୟାଳୀ ମା'ମାନଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇଛି ଏବଂ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଜଣାଉଛି।

ପୂର୍ବତଟ ରେଳପଥ କର୍ମଚାରୀଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର,୩୧।୧୦ (ମହାଭାରତ): ରେଳବାଇ କାର୍ଯ୍ୟକଳାପରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବ ତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ କରାଯାଉଛି। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୋମବାର ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧, ପର୍ଯ୍ୟନ୍ତ ସମୃଦ୍ଧି ପାଇଁ ସତ୍ୟନିଷ୍ଠା ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି। ଶପଥ ଗ୍ରହଣ ସମାରୋହରେ ରେଳ ଅଧିକାରୀ ଓ କର୍ମଚାରୀମାନେ ନିଜର ବୃତିଗତ କାର୍ଯ୍ୟକଳାପରେ ସର୍ବୋଚ୍ଚ ସ୍ତରର ସତ୍ୟନିଷ୍ଠା ଓ ନୈତିକତା ବଜାୟ ରଖିବା, ସଚ୍ଚୋଟତା ଓ ନିରପେକ୍ଷତାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ବୃହତର ଜନସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ ପୁନଃ ସଂକଳ୍ପ ନେଇଥିଲେ।



ଏହି ଶପଥରେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା, ଦୁର୍ନୀତି ନିବାରଣ ଏବଂ ଉତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ଦୁର୍ନୀତି ନିବାରଣ କ୍ଷେତ୍ରରେ ନୈତିକ ଆଚରଣ ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ସମ୍ପର୍କରେ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏହି ଶପଥ ଗ୍ରହଣ ସମାରୋହରେ ପୂର୍ବ ତଟ ରେଳପଥର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଶ୍ରୀ ଅରୁଣ କୁମାର ଚତୁର୍ବେଦୀଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରାସ୍ତାରେ ଅରାଜକତା

ସିଜେପି ଏକ ରାଜନୈତିକ ଦଳ ନୁହେଁ, କିମ୍ବା ଏକ ପଞ୍ଜିକୃତ ସଙ୍ଗଠନ ନୁହେଁ। କିନ୍ତୁ ଅନେକ ଛାତ୍ର ଯୁବକ ଏଥିରେ ସାମିଲ ଅଛନ୍ତି। ଏହାକୁ କିଛି ବୈଦେଶିକ ସଂସ୍ଥା ଆର୍ଥିକ ସହାୟତା କରୁଥିବା ଅଭିଯୋଗ ହେଉଛି। ଅଭିଜିତ ମଧ୍ୟ କିଛି ବର୍ଷ ଆମେରିକାରେ ଥିଲେ ଏବଂ ଆମେରିକାରେ ଥିବା ବେଳେ ହିଁ ସେ ସିଜେପି ନାମକ ଏକ ସଙ୍ଗଠନକୁ ଅନଲାଇନ ମାଧ୍ୟମରେ ଗଠନ କଲେ। ଆମେରିକାରେ ଗତ କିଛି ବର୍ଷ ହେବ ଭାରତ ବିରୋଧୀ କାର୍ଯ୍ୟକଳାପ ବଢ଼ିଚାଲିଛି। ଭାରତର ବିକାଶରେ ସେମାନେ ଅସହିଷ୍ଣୁ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଦନାମ କରିବା ଏବଂ ତାଙ୍କ ସରକାରକୁ ଗାଦିଚ୍ୟୁତ କରିବା ଲାଗି ବିଦେଶରୁ ରୀତିମତ ଷଡ଼ଯନ୍ତ୍ର ଚାଲିଛି। ସେହିମାନେ ହିଁ କିଛି ସଙ୍ଗଠନକୁ ଭାରତରେ ଏଭଳି ବିଶୃଙ୍ଖଳା ସୃଷ୍ଟି ପାଇଁ ଫଣ୍ଡିଂ କରୁଛନ୍ତି। ସିଏଏ ବିରୋଧୀ ଆନ୍ଦୋଳନ ଏବଂ କୃଷକ ଆନ୍ଦୋଳନ ବେଳେ ଠିକ ଏମିତି ବିଦେଶୀ ପାଣ୍ଠି ଭାରତକୁ ଆସୁଥିଲା। ଗ୍ରେଟା ଥନବର୍ଗ ଯିଏ କେବେ ଭାରତ ଦେଖି ନାହାଁନ୍ତି କିମ୍ବା ଭାରତ ସମ୍ପର୍କରେ କିଛି ଜାଣି ନାହାଁନ୍ତି ସେ ଭାରତରେ କୃଷକ ଆନ୍ଦୋଳନକୁ ସମର୍ଥନ କରି ବିବୃତି ଦେଲେ। ଏହା ନିହାତି ହାସ୍ୟାସ୍ପଦ। ସେମାନଙ୍କର ଉଦ୍ଦେଶ୍ୟ ହେଲା କେବଳ ଭାରତକୁ ଦୁର୍ବଳ କରିବା ଏବଂ ଭାରତୀୟଙ୍କ ମୁଣ୍ଡ ତଳକୁ କରିବା। ଏବେ ସିଜେପି ବା ଇଣ୍ଡିଆ ବ୍ଲକ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପଛରେ ଠିକ ଏହି ଉଦ୍ଦେଶ୍ୟ ରହିଛି। ସିଇସି ପଦରେ ଜଣେ ବ୍ୟକ୍ତି ଅଛନ୍ତି। ତାଙ୍କ ବିରୋଧରେ ଏତେ ସଂଖ୍ୟକ ବ୍ୟକ୍ତି ଏବଂ ସଙ୍ଗଠନ ଲାଗିବା ବିସ୍ମୟଜନକ। ତାଙ୍କ ବିରୋଧରେ ଏସଆଇଆର ପ୍ରକ୍ରିୟାରେ ଗଡ଼ ବଡ଼ କରିବା ଅଭିଯୋଗ ଆସିଛି ଯାହାର କିଛି ପ୍ରମାଣ ନାହିଁ। ମୃତ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦେବା ତାଙ୍କର ଦୋଷ। ଯାହା ବି ହେଉ ଏହା ବିରୋଧରେ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହାର ବିଚାର କରିବେ। ମାମଲା କୋର୍ଟରେ ବିଚାରାଧିନ ଥିବା ବେଳେ ଏହାକୁ ନେଇ ରାସ୍ତାରେ ହଙ୍ଗାମା କରିବା, ରାଜଧାନୀରେ ଅରାଜକତା ସୃଷ୍ଟି କରିବା, ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳରେ ବାଧାସୃଷ୍ଟି କରିବା ଏକ ପ୍ରକାର ଅନୈତିକ କାର୍ଯ୍ୟ କହିଲେ ଭୁଲ ହେବ ନାହିଁ। ସରକାରଙ୍କୁ ସମାଲୋଚନା କରିବା, ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା, ଦାବି କରିବାରେ କିଛି ଅସୁବିଧା ନାହିଁ। ସିଇସିଙ୍କ ଇସ୍ତଫା ଦାବିରେ କିଛି ଅସୁବିଧା ନାହିଁ। କିନ୍ତୁ ଏଥିପାଇଁ ତାଙ୍କୁ ବାଧ୍ୟ କରାଯାଇପାରିବ ନାହିଁ। କିଛି ଲୋକଙ୍କ ଇଚ୍ଛାନୁଯାୟୀ ସିଇସି ନିଜ ପଦ ଛାଡ଼ି ଦେବା ଗ୍ରହଣୀୟ ନୁହେଁ। ତାଙ୍କ ବିରୋଧରେ ବିରୋଧୀ ସଂସଦରେ ମହାଭିଯୋଗ ଆଣିପାରିବେ। କିନ୍ତୁ ସିଇସିଙ୍କ ଇସ୍ତଫା ଦାବି କରି ରାସ୍ତା ଅବରୋଧ କରିବାର କିଛି ମାନେ ନାହିଁ। ଜଣେ ସାଧାରଣ ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇବାର ଅଧିକାର ରାହୁଲ, ଅଭିଜିତ କିମ୍ବା ନେହା ବୋରାଙ୍କର ନାହିଁ। ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ସେମାନେ ସରକାରରେ ପରିବର୍ତ୍ତନ ଚାହୁଁଛନ୍ତି। ସେ କଥା କହିବାର କ'ଣ ଆବଶ୍ୟକତା ଅଛି ? ସମସ୍ତେ ସେ କଥା ଜାଣନ୍ତି। କିନ୍ତୁ ଏଥିପାଇଁ ୨୦୨୯ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ନିର୍ବାଚନ ମାଧ୍ୟମରେ ସରକାର ବଦଳାଯାଏ, ରାସ୍ତାରେ ଅରାଜକତା ସୃଷ୍ଟି ଦ୍ୱାରା ନୁହେଁ। ଯେଉଁମାନେ ଅରାଜକତା ସୃଷ୍ଟି କରି ଭାରତକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି, ମୋଦିଙ୍କୁ ବଦନାମ ଏବଂ ବିଜେପିକୁ କ୍ଷମତାଚ୍ୟୁତ କରିବାକୁ ଚାହୁଁଚନ୍ତି ସେମାନେ ଭୁଲ ବାଟରେ ଯାଉଛନ୍ତି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ସଂସଦରେ ବିତର୍କର ଆବଶ୍ୟକତା ରହିଛି। ରାସ୍ତା ରୋକ କରି ସଂସଦରେ ହଟ୍ଟଗୋଳ କରିବାର କିଛି ମାନେ ନାହିଁ। ବର୍ତ୍ତମାନର ଯୁଗ ହେଲା ମିଡିଆର ଯୁଗ। ବିରୋଧୀଙ୍କର ଯାହା କହିବାର ଅଛି ତାହା ସେମାନେ ମିଡିଆରେ କହିବା ଉଚିତ। ସଂସଦରେ ଦୃଢ଼ ଭାବେ ଉପସ୍ଥାପନ କରିବା ଉଚିତ। ତାହା ନକରି ସୁପ୍ରିମକୋର୍ଟ ଅଭିମୁଖେ ଯାତ୍ରା କରିବା ମୂଲ୍ୟହୀନ।

ଜଣେ ମହାନ ଆତ୍ମାର ଜନ୍ମ ସମ୍ପର୍କରେ

॥ ଅନୀତା ପଟ୍ଟନାୟକ ॥

"
ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚି ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି।

ହାଯାଏ କର୍ତ୍ତବ୍ୟକୁ ସଠିକ ଭାବେ ନକଲେ ଫଳାଫଳ ଭଲ ହୁଏନାହିଁ। ସମସ୍ତଙ୍କୁ ଭଲଫଳ ଦରକାର। ସେଥିପାଇଁ କର୍ତ୍ତବ୍ୟ ଓ କର୍ମ ଭଲ ହେବା ଦରକାର। କର୍ତ୍ତବ୍ୟ ପାଇଁ ଭକ୍ତି, ଦାନ ଓ ଶୃଙ୍ଖଳା ଦରକାର। କେତେକ ନିୟମର ଧାରା ମାନିବାକୁ ଶୃଙ୍ଖଳା କୁହାଯାଏ। କର୍ମ କରିବାର ଅଦମ୍ୟ ଉତ୍ସାହ ସହିତ ଶୃଙ୍ଖଳା ଦରକାର। କର୍ମ ଯାହା ଉଦ୍ଦେଶ୍ୟରେ କରାଯାଉଛି ସେଥିପ୍ରତି ଭକ୍ତି ଥିବା ଦରକାର। ତେଣୁ କୁହାଯାଏ ଶ୍ରଦ୍ଧା ରହିତ ପ୍ରେମ ପ୍ରମାଦପୂର୍ଣ୍ଣ ଓ ଶ୍ରଦ୍ଧା ସହିତ କର୍ମ ବାଞ୍ଛନୀୟ।

ଡିସେମ୍ବର ମାସ ଆସିଲେ ପୁଷ୍ପାଞ୍ଜଳୀ ଭାରି ଖୁସି ହୁଏ। ବିଭିନ୍ନ ପ୍ରକାରର ଦାମୀ ଦାମୀ ଶୀତ ପୋଷାକ ତାର ବାପା ତାକୁ କିଣି ଦିଅନ୍ତି ଘରକୁ ଛୁଟିରେ ଅନେକ ଲୋକ ଆସନ୍ତି। ସେମାନେ କହନ୍ତି ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିନ ପାଇଁ ଡିସେମ୍ବରଟିକୁ ଖ୍ରୀଷ୍ଟମାସ କୁହାଯାଏ। ପୁଷ୍ପାଞ୍ଜଳୀ ଦେଖେ ସେ ମାସରେ ଲୋକେ ବଡ଼ଦିନ ସଙ୍ଗୀତ ଗାନ କରନ୍ତି। ଯୀଶୁଙ୍କ ଜନ୍ମକୁ ଆଧାର କରି ନାଟକ କରନ୍ତି। ନାନା ପ୍ରକାର ସାଜସଜ୍ଜା ହୁଏ। ଉପହାର, ଅଭିନନ୍ଦନ, କାର୍ଡ଼ର ଆଦାନ ପ୍ରଦାନ ପ୍ରଭୃତି ହୁଏ। ପିଠାପଣା ଓ ମିଠାଇର ଭୋଜି ହୁଏ।

ପୁଷ୍ପାଞ୍ଜଳୀ ଦିନେ ବାପାଙ୍କୁ ପଚାରିଲା ଏକ୍ସମାସ ଶବ୍ଦର ଅର୍ଥ କ'ଣ ? ବାପା କହିଲେ କଣ ସେଥିରୁ ପାଇବୁ କେକ୍ କାଟ ଖାଇବା। ମା'ଙ୍କୁ ପଚାରିବାରୁ ସେ କହିଲେ ମୁଁ ଜାଣିନି। ପୁଷ୍ପାଞ୍ଜଳୀ ବନ୍ଧୁ ଯୋଶେଫ ତାକୁ କହିଲା ମାସ୍ ହେଉଛି ଗୀର୍ଜାରେ ଅନୁଷ୍ଠିତ ହେଉଥିବା ବିଶେଷ ଧରଣର ପ୍ରାର୍ଥନା କାର୍ଯ୍ୟକ୍ରମ 'ଏକ୍ସ' ଶବ୍ଦର ଅର୍ଥ ଗ୍ରୀସରେ ଯୀଶୁଙ୍କ ନାମର ପ୍ରଥମ ଅକ୍ଷର। ଗ୍ରୀରେ 'ଏକ୍ସ'ଟି ଗୋଟିଏ ପବିତ୍ର ଚିହ୍ନ ରୂପେ ବ୍ୟବହୃତ ହୁଏ। ଯୋଶେଫ ବଡ଼ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ପୁଷ୍ପାଞ୍ଜଳୀକୁ କହିଲା ଯୀଶୁଙ୍କର ଜନ୍ମତିଥିକୁ ଆମେ ହୃଦୟର ସହ ପାଳନ କରିବା ଦରକାର। ଏହାର ଅର୍ଥ ଯୀଶୁ ଦେଖାଇଥିବା ଆଦର୍ଶ ମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟିକୁ ଅଭ୍ୟାସ କରିବା ଦ୍ୱାରା ତାହା ପାଳିତ ହୋଇପାରିଥାଏ। ଯୀଶୁଙ୍କ ଜୀବନ ହେଉଛି ନିଃସ୍ୱାର୍ଥପର ପ୍ରେମପୂର୍ଣ୍ଣ ସେବାର ଏକ କାହାଣୀ। ଲୋକଙ୍କ ସୁଖଦୁଃଖରେ ଭାଗୀ ହୋଇ ଭାଇ ଭାଇ ପରି ବଞ୍ଚିବାକୁ ସେ ଶିକ୍ଷା ଦେଇଥିଲେ। ଯୀଶୁ ଲୋକମାନଙ୍କ ହୃଦୟରେ ବିଶ୍ୱାସ, ଦୟା, ପ୍ରେମ, ସହନଶୀଳତା ଆଦି ଗୁଣମାନ ସଞ୍ଚାର କରିଥିଲେ। ପୁଷ୍ପାଞ୍ଜଳୀ ଯୋଶେଫକୁ ପଚାରିଲା ଯୀଶୁ କଣ ବୁଦ୍ଧଙ୍କ ପରିଥିଲେ ? ଯୋଶେଫ କହିଲା ହଁ ସେ ସୁଖ, ସ୍ୱାଚ୍ଛନ୍ଦ୍ୟ, ନିରାପତ୍ତା ଭୋଗ ଉପଭୋଗ ଲୋକଙ୍କ ଶତ୍ରୁତାକୁ ସେ ସାହାସର ସହ ସମ୍ମୁଖୀନ ହୋଇଥିଲେ। କୌଣସି ଚାପରେ ପଡ଼ି ସେ ଆଦର୍ଶକୁ ଛାଡ଼ିନଥିଲେ, ଅହଂକାରକୁ ଦମନ କରିବାରେ ସେ ସକ୍ଷମ ଥିଲେ।

ପୁଷ୍ପାଞ୍ଜଳୀ କହିଲା ମୁଁ ଯୋଶେଫ ଏଥର ବୁଝିଗଲି ଯେଉଁ ମାନଙ୍କର ପାଖରେ ଭଲ ବା ଦିବ୍ୟ ଗୁଣ ଥାଏ ତାହାକୁ ଆମେ ଶ୍ରଦ୍ଧା ଓ ସମ୍ମାନ କରିଥାଉ ସେଥିପାଇଁ ବଡ଼ଦିନ ଛୁଟି ହୋଇଥାଏ। ପୁଷ୍ପାଞ୍ଜଳୀ ଘରକୁ ଫେରି ଯୋଶେଫ କହିଥିବା କଥା ତାର ମାଆଙ୍କୁ କହିବାରୁ ମାଆ ଆଉ ଦୁଇପଦ ଯୋଡ଼ି କହିଲେ ଯୀଶୁଙ୍କର ମାଆଙ୍କ ନାମ ମେରି ଓ ପିତା ନାମ ଯୋଶେଫ। ମେରୀ ଲୋକଙ୍କ ହୃଦୟ ସହ ତୁଳନୀୟ ଓ ଯୀଶୁ ହୃଦୟରେ ଜାତ ହେଉଥିବା ସନ୍ତୋଷ ବା ଆନନ୍ଦ ସହ ତୁଳନୀୟ। ସେଥିପାଇଁ ତୁ ଚିତ୍ରରେ ମେରୀ ସର୍ବଦା ଯୀଶୁଙ୍କୁ କୋଳରେ ଧରିଥିବା ଦେଖିବାକୁ ପାଇବୁ। ଯୀଶୁଙ୍କ ପ୍ରଦତ୍ତ ସଦଗୁଣକୁ ଅଭ୍ୟାସ କରି ଆନନ୍ଦ ଓ ସୁଖ ଲଭିବା ହେଉଛି ତାଙ୍କ ଜନ୍ମ ଦିବସ ପାଳନର ପ୍ରକୃତ ଅର୍ଥ।

ପୁଷ୍ପାଞ୍ଜଳୀ ତାର ବାପାଙ୍କୁ ଯୀଶୁଙ୍କ ଜନ୍ମ କାହାଣୀ କହିବାକୁ କହିଲା। ବାପା କହିଲେ ଯୀଶୁ ଜନ୍ମ ହେବା ପୂର୍ବରୁ ସିଜାର ଅଗଷ୍ଟସ ଆଦେଶ ଜାରି କଲେ ଯେ ରୋମ ରାଜ୍ୟର ସବୁ ଲୋକ ତାଙ୍କ ପୂର୍ବପୁରୁଷ ରହିଥିବା ନିଜ ନିଜ ନଗରକୁ ଯାଇ କର ଦାଖଲ କରିବେ। ତେଣୁ ଯୋଶେଫ ଓ ମେରୀ ନାଜରେଥ ସହରର ଗାଲିଲି ଠାରୁ ବେଥଲହେମ କୁହାଯାଉଥିବା ଡେଭିଡ ସହରର ଜୁଡ଼ାକୁ ବାହାରିଲେ। ଯୋଶେଫ ରାଜା ଡେଭିଡଙ୍କ ବଂଶଧର ଥିଲେ। ମେରୀ ସନ୍ତାନ ସମ୍ଭବା ଥିବାରୁ ଗୋଟିଏ ଗଧ ଉପରେ ବସି ଯାତ୍ରା କଲେ ଓ ଯୋଶେଫ ଚାଲି ଚାଲି ଗଲେ। ବାଟରେ ପଡୁଥିବା ବିଶ୍ରମ ଗୃହ ଲୋକଙ୍କ ଦ୍ୱାରା ପୁରି ଯାଇଥିଲା। ମେରୀ ଓ ଯୋଶେଫ ବିଶ୍ରାମସ୍ଥଳୀ ଖୋଜି ଖୋଜି ବିଫଳ ହେଲେ। ଜଣେ ସରେଇ ରକ୍ଷକ ମେରୀଙ୍କ କ୍ଳାନ୍ତ ମୁଖ ଦେଖି ଦୟାପରବଶ ହୋଇ ସରେଇ ଘର ପଛ ପାଖରେ ଥିବା ଗୋଟିଏ ଘୋଡ଼ା ଶାଳରେ ବ୍ୟବସ୍ଥା କରିଦେଲେ। ମେରୀ ଓ ଯୋଶେଫ କୃତଜ୍ଞତାର ସହ ସେଠାରେ ଆଶ୍ରୟ ନେଲେ ଓ ସେ ଦିନ ରାତିରେ ମେରି ଗର୍ଭସ୍ଥ ଶିଶୁଟିକୁ ଜନ୍ମ ଦେଲେ। ଲୁଗାରେ ଶିଶୁଟିକୁ ଭଲରୂପେ ଗୁଡ଼ାଇ ଦେଇ ସୁରକ୍ଷିତ ନରମ ଘାସରେ ଶଯ୍ୟା ତିଆରି କରି ଘୋଡ଼ା ଖାଇବା କୁଣ୍ଡରେ ଶୁଆଇ ଦେଲେ। ସେ ଦିନ ରାତିରେ ବେଥଲହମ ସହର ସୀମା ବାହାରେ ଦଳେ ମେଷ ପାଳକ ନିଆଁ ଜଳାଇ ତାର ଚାରିପଟେ ବସି ମେଷ ପଲକୁ ଜଗିଥିଲେ। ସେମାନେ ଏକ ଦିବ୍ୟ ଦୃଶ୍ୟ ଦେଖିବାର ସୁଯୋଗ ପାଇଲେ। ହଠାତ ଜଣେ ଦେବଦୂତ ସେମାନଙ୍କ ଆଗରେ ଉଭା ହେଲେ ପ୍ରଭୁଙ୍କ ମହିମାରୁ ଚର୍ତୁଦିଗ ଉଜ୍ଜ୍ୱଳ ଦିଶିଲା। ମେଷ ପାଳକମାନେ ଡରିଯାଇ ପରସ୍ପରକୁ ଜାବୁଡ଼ି ଧରିଲେ। ଦେବଦୂତ କିନ୍ତୁ ସେମାନଙ୍କୁ ନଡରିବାକୁ କହିଲେ। ଦେବଦୂତ କହିଲେ ମୁଁ ତୁମ ପାଇଁ ଶୁଭ ଖବର ଆଣିଛି। ଆଜି ଡେଭିଡ଼ ସହରରେ ଲୋକଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଛନ୍ତି। ସେ କନାରେ ଗୁଡ଼ା ହୋଇ ଘୋଡ଼ା ଖାଇବା କୁଣ୍ଡରେ ଶୋଇଥିବ। ତୁମେମାନେ ଦେଖି ପାରିବ। ହଠାତ୍ ଦଳେ ଦେବଦୂତ ଈଶ୍ୱରଙ୍କୁ ସ୍ତୁତି କରି ସେଠାରେ ପହଞ୍ଚିଲେ ସେମାନେ କହୁଥାନ୍ତି ଈଶ୍ୱରଙ୍କର ଜୟ ହେଉ ଲୋକ ମାନଙ୍କର ଶାନ୍ତି ଓ ମଙ୍ଗଳ ହେଉ। ମେଷପାଳ ମାନେ ସେଠାରୁ ଦୌଡ଼ିଲେ। ବହୁ କଷ୍ଟରେ ଘୋଡ଼ାଶାଳଟିକୁ ପାଇଲେ। ସେଠାରେ ମେରୀ ଯୋଶେଫ ଓ କୁଣ୍ଡରେ ଶୋଇଥିବା ଶିଶୁକୁ ଦେଖିଲେ। ମେଷପାଳକ ମାନେ ଭକ୍ତିରେ ଆଣ୍ଠୁମାଡ଼ି ବସିଲେ ଓ ଦେବଦୂତ ମାନଙ୍କ କଥା ମେରୀ ଓ ଯୋଶେଫଙ୍କ ଆଗରେ ବଖାଣିଲେ। ଭଗବାନଙ୍କର ଦିବ୍ୟ ଲୀଳାରେ ଆଶ୍ଚର୍ଯ୍ୟ ହୋଇ ପ୍ରଶଂସା କରି ତାଙ୍କର ମହିମା ପ୍ରଶସ୍ତି ଗାନ କରି ଚାଲି ଆସିଲେ।

ବେଥଲହାମରେ ଯୀଶୁ ଯେଉଁ ଦିନ ଜନ୍ମ ଲାଭ କରିଥିଲେ ସେଠିକାର ରାଜା ହେରେଡଙ୍କ ପାଖରେ ଦଳେ ଜ୍ଞାନୀ (ଜ୍ୟୋତିଷ) ଲୋକ ଆସି ପହଞ୍ଚିଲେ। ସେମାନେ ଜେରୁଜଲମର ପ୍ରଧାନ ସହରକୁ ଯାଉଥିଲେ। ଯେଉଁ ଆକାଶରେ ପୂର୍ବରୁ କିଛି ନଥିଲା ସେଠାରେ ସେମାନେ ଏକ ଉଜ୍ଜ୍ୱଳ ଆଲୋକ ସେମାନେ ଦେଖିଥିଲେ। ତେଣୁ ସେମାନେ ପଚାରି ପଚାରି ଆସିଲେ ଯିହୁଦୀ ମାନଙ୍କର ଯିଏ ରାଜା ସେ କେଉଁଠି ଜନ୍ମ ଗ୍ରହଣ କରିଛନ୍ତି। ଆମେ ତାଙ୍କର ଉଜ୍ଜ୍ୱଳ ଆଲୋକକୁ ପୂର୍ବ ଦିଗରେ ଦେଖିଲୁ ଓ ତାଙ୍କୁ ପୂଜା କରିବାକୁ ଆସିଛୁ। ରାଜା ହେରେଡ ବଡ଼ ଅଡୁଆରେ ପଡ଼ିଗଲେ ସେ ମୁଖ୍ୟ ପୁରୋହିତ ଓ ଅମାତ୍ୟ ମାନଙ୍କୁ ଡାକି ଯୀଶୁ କେଉଁଠାରେ ଜନ୍ମ ଗ୍ରହଣ କରିବେ ପଚାରିଲେ ସେମାନେ କହିଲେ ଜୁଡ଼ାର ବେଥେଲହାମ ଠାରେ। ରାଜା ହେରଡ଼ଙ୍କ ମନରେ ଶାନ୍ତି ରହିଲା ନାହିଁ। ପଦବୀ ହରାଇବା ଭୟରେ ମନେ ମନେ ଖୁବ ରାଗିଲେ ଓ ଭାବିଲେ ଏ ପିଲାଟି କିଏ ? ଯାହା ପାଇଁ ଏତେ ବିଜ୍ଞଲୋକ ପୂର୍ବ ଦିଗରୁ ଆସି ପହଞ୍ଚିଛ ବିଜ୍ଞ ଲୋକଙ୍କୁ ଡାକି ସେ ଗୋପନରେ କହିଲେ ବେଥଲହାମ ଯାଅ, କଷ୍ଟହେଉ ପଛେ ଶିଶୁକୁ ଖୋଜ ଓ ତାକୁ ପାଇସାରି ମତେ ଖବର ଦିଅ ମୁଁ ତାକୁ ପୂଜା କରିବି।

ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚି ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କ ଠାରୁ ସତର୍କ ବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନଯାଆନ୍ତି। ତେଣୁ ସେମାନେ ନିଜ ରାଜ୍ୟକୁ ଫେରିଗଲେ। ଜୋଶେଫ ସ୍ୱପ୍ନରେ ଦେଖିଲେ ଦେବଦୂତ ଉଭା ହୋଇ କହୁଛନ୍ତି ଉଠି ପଡ଼ ଏ ଛୋଟ ଶିଶୁ ଓ ମାକୁ ନେଇ ଇଜିପ୍ଟ ପଳାଇ ଯାଅ ମୁଁ ଖବର ନଦେବା ପର୍ଯ୍ୟନ୍ତ ସେଠାରେ ରହ କାରଣ ହେରଡ଼ ରାଜା ଶିଶୁକୁ ମାରଦେବ। ଯୋଶେଫ ନିଦରୁ ଉଠି ମେରିଙ୍କ ଆଗରେ ସ୍ୱପ୍ନ କଥା କହିଲେ ଓ ତତ୍‌କ୍ଷଣାତ ଜିନିଷପତ୍ର ଧରି ଯାତ୍ରା ପାଇଁ ପ୍ରସ୍ତୁତ ହେଲେ। ଶିଶୁ ଉଷୁମ କନାରେ ଗୁଡ଼ାଇ ଦେହରେ ଜାକି ଧରି ଗୋଟିଏ ଗଧପିଠିରେ ବସି ରାତି ଥାଉ ଥାଉ ନିର୍ଜନ ଜଙ୍ଗଲ ରାସ୍ତା ଦେଇ ଇଜିପ୍ଟରେ ପହଞ୍ଚିଲେ।

ହେରେଡ ଜାଣିଲେ ବିଜ୍ଞ ଲୋକମାନେ ଚାଲାକି କରିଛନ୍ତି ସେ ଗର୍ଜନ କରି କହିଲେ, ଶିଶୁକୁ ମୋ ସିଂହାସନ ଦଖଲ କରିବାକୁ ଦେବିନାହିଁ ଓ ବେଥଲହାମ ଓ ତାର ଆଖପାଖ ଅଞ୍ଚଳରେ ଦୁଇ ବର୍ଷ ଓ ତା ତଳକୁ କମ ବର୍ଷର ପିଲାଙ୍କୁ ମାରିବାକୁ ଆଦେଶ ଦେଲେ। କିଛି ଦିନ ପରେ ରାଜା ହେରେଡ଼ ମରିଯିବା ପରେ ଇଜିପ୍ଟରେ ଦେବଦୂତ ସ୍ୱପ୍ନରେ କହିଲେ ତୁମେ ବର୍ତ୍ତମାନ ଶିଶୁ ଓ ମା ସହ ଇସ୍ରାଏଲ ଚାଲିଯାଅ। ସେହି ଅନୁସାରେ ସେମାନେ ବଣ ଜଙ୍ଗଲ ମରୁଭୂମି ଦେଇ ଇସ୍ରାଏଲ ଗଲେ ଓ ଶିଶୁ ନିରାପଦ ଜାଣି ସେମାନେ ଖୁସି ହେଲେ। ସେମାନେ ପୁନଶ୍ଚ ନାଜାରେଥ ନଗରୀ ଗାଲିଲୀସ୍ଥିତ ନିଜ ଘରେ ବାସ କରିବାକୁ ଫେରି ଆସିଲେ। ପୁଷ୍ପାଞ୍ଜଳୀ କହିଲା ବାପା କୃଷ୍ଣଙ୍କ ଜନ୍ମ ପରି ରାଜା ହେରେଡ଼ କ'ଣ କଂସ ଥିଲା ? ହେଲେ ତାର ମରିବା ଓ କଂସର ମରିବା ଅଲଗା।

ଅବସରପ୍ରାପ୍ତ ପ୍ରଧାନିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

ଯୋଗ୍ୟତାର ମାପକାଠି: କେତେ ସଠିକ୍

॥ ଅଧ୍ୟାପକ ଗୋପବନ୍ଧୁ ॥

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ । ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀଙ୍କ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଏଡମିଶନ୍ ପାଇଁ ଯୋଗ୍ୟଙ୍କ ଚୟନ ହୁଏଯ ଯେଉଁମାନେ ଚୟନରେ ଅଗ୍ରଣୀ ହୁଅନ୍ତି ତାଙ୍କୁ ମେଧାବୀ କୁହାଯାଏ । ଚାକିରୀ କ୍ଷେତ୍ରରେ ମଧ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏଯ ଯେଉଁମାନେ ଦେଶର ପ୍ରଶାସନିକ ବୈଷୟିକ, କାରିଗରୀ, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି । ସେ ଚାକିରୀ ହେଉ କି ଶିକ୍ଷା ହେଉ, ଦେଶର ନାଗରିକ ଚାହାଁନ୍ତି ଯେ ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ । ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ ତାହା ସଠିକ ହେବା ଆବଶ୍ୟକ । ଯେଉଁ ମାନଦଣ୍ଡ ଦ୍ୱାରା ପ୍ରକୃତ ଜ୍ଞାନୀ, ରାଷ୍ଟ୍ରବାଦୀ, ମାନବବାଦୀ, ସ୍ୱଚ୍ଛୋଟ, କର୍ମଠ, ପ୍ରଗତିବାଦୀ ଓ ସମାଜ ପ୍ରତି ସମର୍ପିତ ବ୍ୟକ୍ତିମାନେ ମନୋନୀତ ହୋଇପାରିବେ ।

କିନ୍ତୁ ବେଳେ ବେଳେ ମନେହୁଏ ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ସଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଇଛି, ତାହା ଦ୍ୱାରା ସଠିକ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାଁନ୍ତି ବୋଲି କେତେକେ ଅଭିଯୋଗ କରନ୍ତି। ସଠିକ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା ।କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡୁ ନଥାନ୍ତା । ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା । ରାସ୍ତା ତିଆରି ହେବାର ୬ ମାସ ନପୁରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା । ତିଆରି ନସରୁଣୁ ପୋଲ ଭୁଶୁଡ଼ି ପଡୁ ନଥାନ୍ତା। ଭୁଲ ଇଞ୍ଜେକସନ୍ ଓ ଭୁଲ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ । ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା । ଭୋକିଲା ସୂଚକାଙ୍କରେ ଭାରତ ୧୧୧ ତମ ସ୍ଥାନରେ ନଥାନ୍ତାଯ ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡୁ ନଥାନ୍ତେ । ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରୀକରୁ ନଥାନ୍ତେ । ନ୍ୟାୟପାଳିକାରେ କୋଟି କୋଟି କେଶ ଫୈସଲା ନହୋଇ ବର୍ଷ ବର୍ଷଧରି ପଡିରହୁ ନଥାନ୍ତା । ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା । ଏସମସ୍ତ ବିଷୟ ଦୈନିକ ଖବରକାଗଜରେ ଦେଖିଲା ପରେ ମନେହୁଏ ନାହିଁ ଯେ ଦେଶ ଯୋଗ୍ୟ ଲୋକଙ୍କ ହାତରେ ଅଛି ।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ । ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକଭାବେ ଲେଖିପାରନ୍ତି । ଅର୍ଥାତ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ । ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ ମୂଖ୍ୟ ମାନଦଣ୍ଡ ଭାବେ ଗୃହିତ ହୁଏ ନାହିଁ । ପରୀକ୍ଷା ପରେ ଛାତ୍ରଛାତ୍ରୀ ମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ । ଏହା ତାର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ । ସେହିପରି ବିଭିନ୍ନ ଚାକିରୀ ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ ତାହା ମଧ ସମ୍ପୂର୍ଣ୍ଣ ମାନକ ରୁପେ ବିବେଚିତ ହୁଏ ନାହିଁ । ଏଥିରେ ମଧ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଆଯାଏ । ସାକ୍ଷାତକାର ପରୀକ୍ଷାରେ ମଧ ଜଣକର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନହିଁ । ଚାକିରୀ ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରୀୟ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ । ଫଳରେ ଯେଉଁମାନେ ଚାକିରୀ କ୍ଷେତ୍ରକୁ ପଶି ଆସନ୍ତି ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ ।

ଅନେକ ସମୟରେ ଯୋଗ୍ୟତାର ଆଲୋଚନା ସମୟରେ ସୁପାରିଶ ଓ ପୂର୍ବଧାରଣାକୁ ବିଚାରର ପରିସରଭୁକ୍ତ କରଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେଯ । ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ । ଅନ୍ୟମାନେ ଅଯୋଗ୍ୟ । ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି । ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ । ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ମଧ ହୋଇଛି । ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ । ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି । ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରୀଶ ଓ ଭାଇଭତିଜାବାଦ ପ୍ରବଳ ମାତ୍ରାରେ ରହିଛି । ଯେଉଁମାନେ ପ୍ରଶ୍ନପତ୍ର ତିଆରି କରିବେ, ଯେଉଁମାନେ ଖାତା ଦେଖିବେ, ଯେଉଁମାନେ ସାକ୍ଷାତକାର ପରୀକ୍ଷାରେ ପରୀକ୍ଷକ ଭାବେ ବସିବେ, ଯେଉଁମାନେ ମେରିଟ ତାଲିକା ପ୍ରସ୍ତୁତ କରିବେ ତାଙ୍କ ସମ୍ପର୍କୀୟ ମାନେ ଅନେକ ସମୟରେ ଅନୁକମ୍ପା ପାଇବାର ମଧ ଅଭିଯୋଗ ଆସେ ।

ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରିଆସିଛନ୍ତି । ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ । କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ ନମ୍ବର ରଖି ଡୋନେସନ ଦେଇ ଆଡମିଶନ ହେଲେ କିମ୍ବା ସୁପାରିଶ ମାଧ୍ୟମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ । ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତିଯ କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂରାଜୀ ମାଧ୍ୟମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂରାଜୀରେ ଭଲ ଲେଖିବା ଓ କହିବା ସ୍ୱାଭାବିକ । କିନ୍ତୁ ଜଣେ ପିଲାଦିନୁ ଅଭାବ ଅନାଟନ ମଧ୍ୟରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂରାଜୀ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନହିଁ । ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ୍ ହେବ ନାହିଁ।

ତୁଳନାତ୍ମକଭାବେ ବିଚାର କଲେ ସଂରକ୍ଷିତ ବର୍ଗରୁ ଯେଉଁମାନେ ଆସନ୍ତି ସେମାନେ କର୍ମଠ, ସଚ୍ଚୋଟ, ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ । ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ । ମହା ନଗରୀରେ ବଢ଼ିଥିବା ଜଣେ ପରୀକ୍ଷାର୍ଥୀ ଯେକି ଧାନଗଛ କେବେ ଦେଖିନାହିଁ, ସେ ବହିପଢ଼ି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇ ପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନ ଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକଭାବେ ଲେଖି ନପାରେ, କିନ୍ତୁ ଏଠାରେ ଚାଷୀଘର ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ । ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିୟା ଦେଇଥିବା ଉକ୍ତିଟି ଯଥାର୍ଥ । ସେ କହିଥିଲେ ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧ୍ୟରେ ବଢ଼ିଥିବା ପିଲା ଶତକଡ଼ା ୮୦ ନମ୍ବର ରଖିବା ଯାହା, ଜଣେ ଅଭାବ ଅନାଟନ ଓ ଅସୁବିଧା ମଧ୍ୟରେ ବଢ଼ିଥିବା ଗାଉଁଲି ପିଲା ଶତକଡ଼ା ୪୦ ନମ୍ବର ରଖିବା ତାହା । ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ।

କମିବ ପିଲାଙ୍କ ମାନସିକ ଚାପ

॥ ଅଲେଖ ଚନ୍ଦ୍ର ସାମଲ ॥

ପରୀକ୍ଷା ସମୟରେ ପିଲାଙ୍କ ମନରେ ଭୟ ଏକ ସ୍ୱାଭାବିକ କଥା। ଭଲ ପାଠ ପଢୁଥିବା ପିଲା ହୁଅନ୍ତୁ ଅବା କମ ପାଠ ପଢୁଥିବା ପିଲା, ସମସ୍ତଙ୍କ ମନରେ ପରୀକ୍ଷା ପାଖେଇଲେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ଅନେକ ପିଲା ମଧ ମାନସିକ ସନ୍ତୁଳନ ହରାଇ ଦିଅନ୍ତି। ଏହାପଛର ଆଉ ଏକ ବଡ଼ କାରଣ ହେଉଛି ବାପା-ମାଆ, ପରିବାର କ'ଣ କହିବେ ? କାରଣ ଆଜିକାଲି ପାଠ ପଢ଼ାକୁ ନେଇ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଅଭିଭାବକମାନେ ଅଧିକ ଚିନ୍ତାରେ। ସେମାନେ ଘରେ ଏପରି ଏକ ମାହୋଲ ତିଆରି କରୁଛନ୍ତି ଯାହାର ପ୍ରଭାବ ସିଧାସଳଖ ପଡୁଛି ପିଲାଙ୍କ ମାନସିକ ସ୍ତରରେ। ଶିକ୍ଷା ବ୍ୟବସ୍ଥାରେ ମଧ ଏ ନେଇ ନିୟମିତ ପରିବର୍ତ୍ତନ ଅଣାଯାଉଛି। ପାଠ୍ୟକ୍ରମ ବୋଝ କମ ସହ ପ୍ରଶ୍ନପତ୍ରକୁ ମଧ ଆହୁରି ସହଜ ଓ ସରଳ କରାଯାଉଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଉପରେ ମନୋବିଜ୍ଞାନିକ ଚାପ ହ୍ରାସରେ ମିଳିପାରିନାହିଁ ସେଭଳି ସଫଳତା। ଯାହାକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷାନୀତି ଅନ୍ତର୍ଗତ ଏହା ଘୋଷଣା କରାଯାଇଛି ଯେ, ବୋର୍ଡ଼ ପରୀକ୍ଷା ଏବେ ହେବ ଦୁଇଟି ପର୍ଯ୍ୟାୟରେ। ଅର୍ଥାତ୍ ବର୍ଷକୁ ଦୁଇଥର ଛାତ୍ରଛାତ୍ରୀ ଦେଇପାରିବେ ଏହି ପରୀକ୍ଷା।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷାକୁ ନେଇ ନୂଆ ରୂପରେଖ ସହ ପାଠ୍ୟକ୍ରମରେ ମଧ ପରିବର୍ତ୍ତନ ଆଣିବାର ଘୋଷଣା କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଚାପ କମ ହେବାର ଆଶା କରାଯାଉଛି। ବୋର୍ଡ଼ ପରୀକ୍ଷା ଦୁଇଥର ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାର ମୌକା ମିଳିବ। ଦୁଇ ପର୍ଯ୍ୟାୟ କାରଣରୁ ପିଲାଙ୍କ ଉପରେ ପରୀକ୍ଷା ପ୍ରସ୍ତୁତି ଚାପ କମିବ। ପ୍ରଥମ ପ୍ରର୍ଯ୍ୟାୟରେ ସେମାନେ ପାଠ୍ୟକ୍ରମର ଯେଉଁ ବିଷୟ ଉପରେ ପରୀକ୍ଷା ଦେଇଥିବେ ଦ୍ୱିତୀୟ ପର୍ଯ୍ୟାୟରେ ସେହି ବିଷୟର ପ୍ରଶ୍ନ ପଡ଼ିବ ନାହିଁ। ଯେଉଁ ପରୀକ୍ଷାରେ ଅଧିକ ମାର୍କ ଥିବ, ସେହି ମାର୍କ ମୋଟ ମୂଲ୍ୟାୟନରେ ସାମିଲ ହେବ। ପୂର୍ବରୁ ସ୍କୁଲ ପ୍ରଦର୍ଶନକୁ ନେଇ ମୂଲ୍ୟାଙ୍କନ ମଧ ସାମିଲ ହୋଇଥିଲା ମୋଟ ମାର୍କରେ। ତେଣୁ ପିଲାଙ୍କ ଭୟ ଦୂର ପାଇଁ ଚାଲିଛି ନିୟମିତ ଉଦ୍ୟମ। ସେହିଭଳି ପିଲାଙ୍କ କୌଶଳ ବିକାଶ ଉପରେ ମଧ ଜୋର ଦିଆଯାଉଛି। ସବୁ ପିଲା ଯେ ପାଠ ପ୍ରତି ରୁଚି ରଖନ୍ତି ତା ଭାବିବା ଭୁଲ। ନୂଆ ଶିକ୍ଷା ବ୍ୟବସ୍ଥାରେ ଏହାକୁ ଗୁରୁତ୍ୱ ଦିଆଯାଇଛି। ଏବେ ପିଲାଙ୍କ ନିକଟରେ ବିକଳ୍ପ ରହିଛି ସେମାନେ ନିଜ ପସନ୍ଦର ପାଠ୍ୟକ୍ରମ ଚୟନ କରିପାରିବେ।

ଶିକ୍ଷା ମନ୍ତ୍ରଣାଳୟ ଯେଉଁସବୁ ବ୍ୟବସ୍ଥା ଆପଣାଉଛି ତାହା ସ୍ୱାଗତଯୋଗ୍ୟ। ହେଲେ ଖାଲି ପାଠ୍ୟକ୍ରମ କିମ୍ବା ଦୁଇଟି ବୋର୍ଡ଼ ପରୀକ୍ଷା କରିଦେଲେ ଯେ ପିଲାଙ୍କ ମନରୁ ଭୟ ଦୂର ହୋଇଯିବ ତାହା ଭାବିବା ଭୁଲ। ଭୟ ସେତେବେଳେ ଦୂର ହେବ ଯେତେବେଳେ ବାପା ମା ଏବଂ ପରିବାରରୁ ସେମାନେ ପାଇବେ ସମର୍ଥନ। ଆଜିର ସମୟରେ ପିଲାଙ୍କ ଠାରୁ ଅଧିକ ଚିନ୍ତାରେ ବାପାମା। ପିଲା ଆଗରେ ସେମାନେ ସବୁବେଳେ ଏହି ଚର୍ଚ୍ଚା କରୁଛନ୍ତି ତା ପୁଅ ଏତେ ମାର୍କ ରଖିଲା, ତା ଝିଅ ଏତେ ମାର୍କ ରଖିଲା। ଏହା ପିଲାର ମୁଣ୍ଡରେ ଏକ ନକରାତ୍ମକ ପ୍ରଭାବ ମଧ ପକାଉଛି। ପରିବାରର ଆଶା, ଭୁଲ କଲେ କିମ୍ବା ଖରାପ କଲେ ବାପାମାଙ୍କ ଭୟ ତାଙ୍କୁ ଚିନ୍ତାରେ ପକାଉଛି। ଏହା ସତ ଯେ ପିଲାଙ୍କ ଉପରେ ବାପାମାଙ୍କର ବେଶ ଆଶା ରହିଥାଏ। ଏହା ରହିବା ମଧ ସ୍ୱାଭାବିକ। ତେବେ ପିଲାର ରୁଚି, ଆଗ୍ରହ ଏବଂ ସମସ୍ୟାକୁ ବୁଝିବା ଦରକାର। ତିନି/ଚାରିଟା ଟ୍ୟୁସନ ଛାଡ଼ିଦେଲେ ଯେ ଆମେ ଆମ ଦାୟିତ୍ୱ ପୂରଣ କଲୁ ତା ଭାବିବା ଭୁଲ। ତେଣୁ ପରିବାରରୁ ହିଁ ପ୍ରଥମେ ପିଲା ମନରେ ସୃଷ୍ଟି ହେଉଥିବା ଭୟକୁ ଦୂର କରିବା ଦରକାର। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଉଛି। ପରିବାରରୁ ବି ପିଲା ସମର୍ଥନ ଓ ସହଯୋଗ ପାଇଲେ ନିଶ୍ଚିତ ପରୀକ୍ଷାକୁ ନେଇ ରହୁଥିବା ଭୟ ଦୂର ହୋଇପାରିବ ଛାତ୍ରଛାତ୍ରୀଙ୍କର।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩

ଜେଏସଡବ୍ଲ୍ୟୁ ପକ୍ଷରୁ ନୋଳିଆସାହି ଗ୍ରାମରେ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅଧିନରେ ନିର୍ମାଣାଧୀନ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ପ୍ରକଳ୍ପ ନିକଟବର୍ତୀ ଗ୍ରାମଗୁଡିକରେ ବିକାଶମୂଳକ କାର୍ଯ୍ୟକ୍ରମ ଜାରୀ ରହିଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ର ସଭାପତି ଅନିଲ କୁମାର ସିଂହଙ୍କ ଦିଗଦର୍ଶନରେ ଏହି ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି । ଗଡକୁଜଙ୍ଗ ପଂଚାୟତ ଅନ୍ତର୍ଗତ ନୋଳିଆସାହି ଗ୍ରାମରେ ୨୯୦ମିଟର ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ରାସ୍ତା ଗଙ୍ଗାମାତା ମନ୍ଦିରଠାରୁ ଆରମ୍ଭ ହୋଇ ଗ୍ରାମ୍ୟ ଶ୍ମଶାନ ପର୍ଯ୍ୟନ୍ତ ଯିବ

। ଦୀର୍ଘଦିନ ଧରି ଶ୍ମଶାନକୁ ଯିବା ପାଇଁ ଗ୍ରାମବାସୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ବିଶେଷ ଭାବେ ବର୍ଷା ଦିନରେ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡୁଥିଲା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ସବୁ ଋତୁରେ ଏହି ରାସ୍ତାରେ ଯାତାୟତ ସୁବିଧାଜନକ ହୋଇପାରିବ । ବିଶେଷ ଭାବେ ଅନ୍ତିମ ସଂସ୍କାର କରିବାକୁ ଶ୍ମଶାନକୁ ଯିବା ପାଇଁ ଅତ୍ୟନ୍ତ ସୁଗମ ହେବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଶିଳାନ୍ୟାସ ଉତ୍ସବରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପ ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସଆର୍ ମୁଖ୍ୟ ଅଭିଜିତ୍ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯଦୁନାଥ ଖଟୁଆ, କିଶୋରଲାଲ ବେହେରା, ଦିବ୍ୟପ୍ରକାଶ ବେହେରାଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପ୍ରକଳ୍ପ ଅଂଚଳ ଗ୍ରାମ ଗୁଡିକର ସାମଗ୍ରିକ ବିକାଶ ପାଇଁ ଅଙ୍ଗୀକାରବଦ୍ଧ ଏଥି ସହିତ ସ୍ଥାନୀୟ ଜନସାଧାରଣଙ୍କ ଉନ୍ନତି ପାଇଁ କମ୍ପାନୀ ସବୁବେଳେ ପ୍ରୟାସ ଜାରୀ ରଖିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି ।

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀରେ ନିଆଳୀରେ ବିଶାଳ ଗଣଦୌଡ

ନିଆଳି, (ମହାଭାରତ) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ନିଆଳି ଥାନା ପକ୍ଷରୁ ଏକ ବିଶାଳ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗଣ ଦୌଡ଼ କାର୍ଯ୍ୟକ୍ରମଟି ନୂଆଗାଁ କଲେଜ ଛକ ଠାରୁ ବାହାରି ନିଆଳୀ ବଜାର ଅତିକ୍ରମ କରି ଥାନା ପରିସରରେ ସମାପ୍ତ କରାଯାଇଥିଲା । ଏଥିରେ ନିଆଳି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ପ୍ରାଚୀ ବାଳିକା ମହାବିଦ୍ୟାଳୟର ଛାତ୍ରୀଙ୍କ ସମେତ ନିଆଳି ଥାନାର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ପରେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ସମ୍ମାନ ଜଣାଇ ନିଆଳି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଶପଥ ପାଠ କରାଯାଇଥିଲା । ଏହି ସପଥ ପାଠର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଷ୍ଟ୍ରୀୟ ସାର୍ବଭୌମ ଏକତା ଅଖଣ୍ଡତାକୁ ଆହୁରି ଗତିଶୀଳ କରିବା ସହିତ ଯୁବସମାଜକୁ ପ୍ରେରିତ କରି ଦେଶ ତଥା ରାଜ୍ୟର ଏକତାକୁ ସୁଦୃଢ଼ କରିବା ।

ପାରାଦୀପ ରିଫାଇନାରୀ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପାରାଦୀପ, (ମହାଭାରତ) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକକୁ ସ୍ମରଣ କରିବା ପାଇଁ ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ୍) ଦ୍ୱାରା ପରିଚାଳିତ ପାରାଦୀପ ରିଫାଇନାରୀ ପକ୍ଷରୁ ଶନିବାର ଦିନ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ପାରାଦୀପ ରିଫାଇନାରୀ ନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୁଖ୍ୟ କୌଶିକ ବସୁ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ । ଶ୍ରୀ ବସୁଙ୍କ ସମେତ ରିଫାଇନାରୀର ବରିଷ୍ଠ ଅଧିକାରୀ, ସିଆଇଏସଏଫ ତଥା ଡିଜିଆରର ସଦସ୍ୟମାନେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଭାରତର ଲୌହମାନବ ସର୍ଦ୍ଦାର

ବଲ୍ଲଭଭାଇ ପଟେଲ ଆଧୁନିକ ଭାରତ ଗଠନ ପାଇଁ ବିଭିନ୍ନ ରାଜ୍ୟଗୁଡିକୁ ଏକତ୍ର କରିବା ପାଇଁ ଏକ ଗୁରୁତ୍ୱପୂନର୍ଣ ଭୂମିକା ଗ୍ରହଣ କରିଥିଲେ । ରାଷ୍ଟ୍ରୀୟ ଏକତା ଦିବସ ହେଉଛି ଏହି ମହାନ୍ ବ୍ୟକ୍ତିଙ୍କୁ ସ୍ମରଣ କରିବାର ଏକ ଦିନ ଏବଂ ଭାରତର ନାଗରିକମାନଙ୍କ ମଧ୍ୟରେ ଜାତୀୟ ସଂହତି, ଦେଶଭକ୍ତି ତଥା ଏକତାର ଆଦର୍ଶକୁ ପ୍ରୋତ୍ସାହିତ କରିବାର ଏକ ସ୍ୱତନ୍ତ୍ର ଅବସର ବୋଲି ଶ୍ରୀ ବସୁ କହିଥିଲେ ।

ଓଡ଼ଗାଁରେ ଅଳିଆ ଉଠାଗାଡ଼ି ବାଟବଣା

ଓଡ଼ଗାଁ, (ମହାଭାରତ):ଓଡ଼ଗାଁ ବ୍ଲକର ୩୬ ଟି ପଞ୍ଚାୟତକୁ ଅଳିଆବୁହା ବ୍ୟାଟେରୀ ଚାଳିତ ଗାଡ଼ି ଯୋଗାଣ ହୋଇଛି ।ଗାଡ଼ି ଅତି କମ୍ ଦାମର ହୋଇଥିବାରୁ ପ୍ରତି ମୁହୂର୍ତରେ ଖରାପ ହେଉଛି ।ରାସ୍ତା ଘାଟରେ ଯାଉଥିବା ସମୟରେ ଅଳିଆବୁହା ଗାଡ଼ି ଆଣ୍ଠେଉଥିବାର ନଜିର ମଧ୍ୟ ରହିଛି ।୭୦ ହଜାର ଟଙ୍କା ଦାମରେ ଅଳିଆବୁହା ଗାଡ଼ି କିଣି ପ୍ରଶାସନ ୨ଲକ୍ଷ ୫୦ ହଜାର ଟଙ୍କାରେ ପ୍ରତି ପଞ୍ଚାୟତକୁ ଯୋଗାଣ କରିଛି ।ଏବେ ଅର୍ଥ ନଥିବା କହି କର୍ମଚାରୀମାନେ ଘରଆଗରେ ନେଇ ଅଳିଆଗାଡ଼ି ରଖିଛନ୍ତି ।ସୁନାମୁହିଁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗାଡ଼ି ୬ ମାସ ଧରି ପଡ଼ିରହିଥିବା ଜଣାପଡ଼ିଛି ।ପ୍ରକାଶଥାଉକି ଓଡ଼ଗାଁର ପ୍ରତି ପଞ୍ଚାୟତକୁ ଅଳିଆବୁହା ଗାଡ଼ି ଯୋଗାଇ ଦିଆଯାଇଛି ।ବ୍ୟାଟେରୀ ଚାଳିତ ଗାଡ଼ି କଂପାନିରୁ ୭୦ ହଜାର ଟଙ୍କାରେ କିଣି ପଞ୍ଚାୟତରୁ ଅଢେଇ ଲକ୍ଷ ଟଙ୍କା ନିଆଯାଇଛି ।ଏହି ଦୁର୍ନୀତି ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏହାର ତଦନ୍ତ କରିବା ତ ଦୂରର କଥା ଘଟଣାକୁ ନିଜ ଭିତରେ ଚାପି ଦିଆଯାଇଛି ।ଗାଡ଼ି କିଣା ବାବଦକୁ ମୋଟ ୨ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପଞ୍ଚାୟତ ପରିମଳ ଫଣ୍ଡରୁ ୯୦ ହଜାର ଓ ବ୍ଲକ୍ ୧ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରିଛି ।ଏଥିରେ ଏକ ବଡ଼ ଧରଣର ରାକେଟ କାମ କରୁଥିବା ଅଭିଯୋଗ ହୋଇଛି ।ସବୁଠାରୁ ବଡ଼କଥା ହେଉଛି ଅଳିଆ ବୁହାଗାଡ଼ି ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବ ।ଏଥିପାଇଁ ଗାଡ଼ି ଚାଳକଙ୍କୁ ୬ ହଜାର ଓ ଜଣେ ସହାୟକଙ୍କୁ ୬ ହଜାର ଟଙ୍କା ପଞ୍ଚାୟତ ପରିମଳ ଫଣ୍ଡରୁ ବହନ କରାଯିବ ।କିନ୍ତୁ କିଛି କାଁ ଭାଁ ପଞ୍ଚାୟତରେ ଅଳିଆ ବୁହାଗାଡ଼ି ଚାଲୁଥିବା ବେଳେ ଅଧିକାଂଶ ପଞ୍ଚାୟତରେ ଗାଡ଼ି ଆଣ୍ଠେଇଥିବା ଦେଖିବାକୁ ମିଳିଛି ।ଏମିତିକି ଗାଡ଼ିକୁ ଘୋଡ଼ାଇ ପଞ୍ଚାୟତ ଘର କିମ୍ବା କର୍ମଚାରୀଙ୍କ ଘରଆଗରେ ରଖାଯାଇଛି ।ସୁନାମୁହିଁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ୬ ମାସ ଧରି ଗାଡ଼ି ରହିଥିବାନେଇ ଅଭିଯୋଗ ହୋଇଛି ।ପରିମଳ ଅର୍ଥ ପଞ୍ଚାୟତ ଫଣ୍ଡରେ ଥିଲେ ମଧ୍ୟ ଅଳିଆଗାଡ଼ି ଘରକୁ ଘର ନ ବୁଲାଇବା ପଛର ରହସ୍ୟ କ'ଣ ବୋଲି ସାଧାରଣରେ ଆଲୋଚନା ହେଉଛି ।ଗାଡ଼ି ଚାଳକ ଏବଂ ସହାୟକ ମଧ୍ୟ ୬ ମାସ ଧରି ସେମାନଙ୍କ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି ।ଏହି ଘଟଣାରେ ବିଡ଼ିଓ ପ୍ରୀତିବାଳା ରଣା ପଞ୍ଚାୟତର ପରିମଳ ଫଣ୍ଡରୁ ଗାଡ଼ିର ସମସ୍ତ ଖର୍ଚ୍ଚ କରିହେବ । ବିଦ୍ୟୁତ୍ ଖର୍ଚ୍ଚ,ଗାଡ଼ି ମରାମତି,ଗାଡ଼ି ଚାଳକ ଓ ସହାୟକଙ୍କ ଖର୍ଚ୍ଚ ଏହି ଫଣ୍ଡରୁ ବହନ କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ ।ଖବରପାଇ ବିଡ଼ିଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ ଓ ତାଗିଦ୍ ? କରିଥିବା ଜଣାପଡ଼ିଛି । କେ ?ାଣସି ପଞ୍ଚାୟତରେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁନଥିବା ଅଭିଯୋଗ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ଚେତାବନୀ ଦେଇଛନ୍ତି ।

ଜାତିଗତ ଭେଦଭାବର ଅଭିଯୋଗ, ପଦକ୍ଷେପ ନ ନେଲେ ଧାରଣା ଚେତାବନୀ

ପାଟଣାଗଡ଼ (ମହାଭାରତ) : ସରକାରଙ୍କ ବସୁଧା ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗାଁ ଗାଁରେ ପାନୀୟ ଜଳ ଯୋଗାଣ କରାଯାଉଛି । ହେଲେ ଦୀର୍ଘ ପାଞ୍ଚ ବର୍ଷ ହେଲା ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲା ଗ୍ରାମର ଗଣ୍ଡାପଡ଼ାର ୧୦ରୁ ଊର୍ଦ୍ଧ୍ୱ ପରିବାର । ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଥିବା ପଡ଼ାବାସୀ ଏବେ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି ।ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ, ଗାଁରେ ବସୁଧା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ସେମାନଙ୍କ ପଡ଼ାକୁ ପାଣି ଯୋଗାଣ ହେଉନାହିଁ । ଏନେଇ ସେମାନେ ପାଟଣାଗଡ଼ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ଟୋଲ୍ ଫ୍ରି ନମ୍ବରରେ ମଧ୍ୟ ଅଭିଯୋଗ କରିଛନ୍ତି ।

ଏହାସହ ଲରମ୍ଭା ସରପଞ୍ଚ, ପାଟଣାଗଡ଼ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ଗାଁର ପାଣି ଚାଳକଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏଯାଏଁ ସମସ୍ୟାର ସମାଧାନ ହୋଇ ନ ଥିବା ପଡ଼ାବାସୀ କହିଛନ୍ତି ।

ଅନ୍ୟପକ୍ଷରେ, ଗଣ୍ଡା ଜାତିର ହୋଇଥିବାରୁ ସେମାନଙ୍କ ପ୍ରତି ଜାତିଗତ ଭେଦଭାବ କରା ଯାଉଛି କି ବୋଲି ପଡ଼ାବାସୀ ସନ୍ଦେହ ପ୍ରକାଶ କରିଛନ୍ତି । ତେବେ ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ବିଭାଗର ପକ୍ଷ ମିଳି ପାରିନାହିଁ । ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ରହିଥିବା ପରିବାରଗୁଡ଼ିକର ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି । ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ଲାଞ୍ଜିଗଡ଼, (ମହାଭାରତ): ଯୁବ ଏବଂ କ୍ରୀଡା ମନ୍ତ୍ରାଳୟ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ମାଇଁ ଭାରତ କଳାହାଣ୍ଡି ପକ୍ଷରୁ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ମାଁ ହୀରାମିଲା ମହା ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି ।ଭାରତର ଲୌହମାନବ ତଥା ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳନ କରାଯାଇଥିଲା ।ଏହି ଅବସରରେ ଉପସ୍ଥିତ ଅତିଥିଙ୍କ ସମେତ କିଛି ଛାତ୍ରଛାତ୍ରୀ ମାନେ ମଧ୍ୟ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଦେଶର ଏକତା,ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା ।ଏକ ସଶକ୍ତ ଓ ଅଖଣ୍ଡ ଭାରତ ଗଠନ ଦିଗରେ ତାଙ୍କର ଅବିସ୍ମରଣୀୟ ଭୂମିକା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ମତ ପ୍ରକାଶ ପାଇଥିଲା ।ରାଷ୍ଟ୍ରୀୟ ଏକତା ଦିବସ ପାଳନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ,ଭାଇଚାରା,ସାମାଜିକ ସଦ୍ ?ଭାବନା ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇତିହାସ ଅଧ୍ୟାପକ ଅରୁଣ କୁମାର ଚନ୍ଦନ,ସମ୍ମାନିତ ଅତିଥିଭାବେ ଓଡ଼ିଆ ଅଧ୍ୟାପିକା କନକଲତା ବେହେରା,ଭୂଗୋଳ ଅଧ୍ୟାପିକା ପୁଷ୍ପାଞ୍ଜଳି ନାଏକ,ଶାରୀରିକ ଶିକ୍ଷା ଅଧ୍ୟାପକ ଜି.ଶ୍ରୀନିବାସ ଦାସ ସମେତ ଯୁବ ସାମ୍ବାଦିକ ମଳୟ ବେନୁଆଁ ପ୍ରମୁଖ ମଞ୍ଚାସିନ ରହିଥିଲେ ।

୫୪ ବର୍ଷର ନାନପୁର ମିଳିତ ଜନମଙ୍ଗଳ ପାଠାଗାରର ନାଟକ ଉତ୍ସବ

ବାଲିଚନ୍ଦ୍ରପୁର, (ମହାଭାରତ) : ଆମ ସମସ୍ତଙ୍କ ଭିତରେ ଜଣେ ଅଭିନେତାର ଏକ ସୁନ୍ଦର ଜୀବନ ରହିଛି । ସମାଜର ଏହି ବିଶ୍ୱ ରଙ୍ଗମଂଚରେ ଆମେ ମାନବୀୟ ଚେତନାର ନିପୁଣ ଅଭିନୟ କରିପାରିଲେ- ଜୀବନ ସାର୍ଥକ ହେବ ବୋଲି କହିଛନ୍ତି ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ । ବଡ଼ଚଣା ବ୍ଲକର ନାନପୁର ମେଲଣ ପଡ଼ିଆଠାରେ ସ୍ଥାନୀୟ ଜନମଙ୍ଗଳ ପାଠାଗାରର ୫୪ତମ ବାର୍ଷିକ ନାଟ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆକାଶ ଦାସ ନାୟକ ନାନପୁର ପଟଣା ଗାଁର ତରୁଣ କଳାକାରମାନଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ । ଉଦ୍ଘାଟକ ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଥିଲେ ଦୀର୍ଘ ୫୪ବର୍ଷ ଧରି ଜନମଙ୍ଗଳ ପାଠାଗାର

ନିରବଚ୍ଛିନ୍ନ ଭାବେ ଗ୍ରାମାଂଚଳର କଳା ଓ ସଂସ୍କୃତିକୁ ବଂଚାଇବା ପାଇଁ ଯେଉଁ ପ୍ରୟାସ କରୁଛନ୍ତି ତାହା ଅଭିନନ୍ଦନୀୟ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ନାନପୁର ଗାଁର ବରେଣ୍ୟ ପ୍ରତିଭା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡା, ଧର୍ମପଦ ପୁରସ୍କାର ବିଜେତା ବିଖ୍ୟାତ ସ୍ଥପତି ବିପ୍ରଚରଣ ମହାନ୍ତି ଏବଂ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଲେଖକ ତଥା ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ପାଇଁ ନାନପୁର ମାଟି ଗର୍ବିତ ବୋଲି କହିଥିଲେ । ପାଠାଗାରର ସଭାପତି ତଥା ପୂର୍ବତନ ସରପଂଚ ଫନୀନ୍ଦ୍ର ନାଥ ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ । ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କୁ 'ନାନପୁର ଗୌରବ ସମ୍ମାନ' ଏବଂ କେନ୍ଦ୍ରାପଡ଼ା କୋ-ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁଙ୍କୁ 'ସେବାଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଷେଣ୍ଠ ସଂପାଦକୀୟ ବିବରଣୀ ଓ ପ୍ରଦୀପ୍ତ ଷେଣ୍ଠ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'କଟି କଟି ଡବଲ କଟି' ଏବଂ 'ଗୋଟେ ଶୁଆ ଗୋଟେ ଶାରୀ' ମଂଚ ନାଟକ ପରିବେଷିତ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ରଂଜନ କୁମାର କରଙ୍କୁ ଏ ଅବସରରେ ସମ୍ମାନିତ କରାଯାଇଥିଲା । ପାଠାଗାରର ଉପସଭାପତି ମାନସ ରଂଜନ ଦେଓ ସଭା ସଂଚାଳନ କରିଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମନୋରଂଜନ ସ୍ୱାଇଁ ।

ପାରାଦୀପ ବନ୍ଦର ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳିତ- ଏକତା ପାଇଁ ଗଣଦୌଡ

ପାରାଦୀପ, (ମହାଭାରତ): ପାରାଦୀପ ବନଦ୍ର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକକୁ ମନେ ପକେଇ ତାଙ୍କ ତ୍ୟାଗ ଦେଶବାସୀଙ୍କ ମଧ୍ୟରେ ଜାଗ୍ରତ କରିବା ପାଇଁ ସମଗ୍ର ଦେଶବାସୀ ଗର୍ବର ସହିତ ଏହି ଦିବସକୁ ପାଳନ କରିଥାନ୍ତି । ପାରାଦୀପ ବନ୍ଦର ପକ୍ଷରୁ ଏହି ଅବସରରେ ଏକତା ପାଇଁ ଗଣଦୌଡ ଆୟୋଜିତ ହୋଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ଯୋଗ ଦେଇ ଆଧୁନିକ ଭାରତ ଗଠନ ପାଇଁ ବିଭିନ୍ନ ରାଜ୍ୟଗୁଡିକୁ ଏକତ୍ର କରିବା ପାଇଁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ଏକତା ପାଇଁ ଗଣଦୌଡକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅର୍ଥପରାମର୍ଶଦାତା ଅଶୋକ କୁମାର ସାହୁ, ବିଭିନ୍ନ ବିଭାଗୀୟମୁଖ୍ୟ, ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ ଏକତା ଦିବସର ଶପଥ ପାଠ କରିଥିଲେ ।

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ଶ୍ୟାମ ସୁନ୍ଦର ବଜାର କମିଟିର ୩୬ତମ ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର (ମହାଭାରତ): ଯାଜପୁର ଜିଲା ବାଲିଚନ୍ଦ୍ରପୁର ସ୍ଥିତ ଶ୍ୟାମ ସୁନ୍ଦର ବଜାର କମିଟି ର ୩୬ ତମ ବାର୍ଷିକ ଉତ୍ସବ ଶନିବାର ରାତ୍ରୀ ରେ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିସର ରେ ପାଳିତ ହୋଇ ଯାଇଛି। ବଜାର କମିଟି ର ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବ ରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଦୀର୍ଘ ବର୍ଷ ଧରି ବଜାର କମିଟି ମା ଗଜଲକ୍ଷ୍ମୀ ଙ୍କ ପୂଜା ଆନନ୍ଦ ଉତ୍ସାହ ସହ ପାଳନ କରିବା ସହ ଅନୁଷ୍ଠାନ କୁ ଆଗକୁ ନେବାରେ ଯେଉଁ ମାନଙ୍କ ଅବଦାନ ରହିଛି। ସେମାନଙ୍କୁ ପ୍ରଶଂସା କରିଥିଲେ। ଏଥି ସହିତ ବାଲିଚନ୍ଦ୍ରପୁର ଅଞ୍ଚଳ ର ଉନ୍ନତି କ୍ଷେତ୍ର ରେ ବିଭିନ୍ନ ରାସ୍ତା ଓ ଗୃହନିର୍ମାଣ ସମ୍ପର୍କ ରେ ସବିଶେଷ ସୂଚନା ଦେଇଥିଲେ। ଆସନ୍ତା ବର୍ଷ ସୁଦ୍ଧା ଗଜଲକ୍ଷ୍ମୀ ମଣ୍ଡପ ର ଅଧୁରା କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ବାଲିଚନ୍ଦ୍ରପୁର ସରପଞ୍ଚ ଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ ଯୋଗଦେଇ ବାଲିଚନ୍ଦ୍ରପୁର ପଞ୍ଚାୟତ ରେ ୧୭ ଟି ମେଢ଼ କିପରି ବହୁ କଷ୍ଟ ସ୍ୱୀକାର କରି ନିର୍ମାଣ କରାଯାଉଛି ସେ ସମ୍ପର୍କ ରେ ସୂଚନା ଦେଇଥିଲେ। ବଜାର କମିଟି ର ସମ୍ପାଦକ ପ୍ରଭାସ ଚନ୍ଦ୍ର ଦାଶ ସଂପାଦକୀୟ ବିବରଣୀ ପାଠ କରିଥିଲା ବେଳେ କବି ରୁଦ୍ର ପ୍ରସନ୍ନ ସାମଲ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସର ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନନ୍ତ କୁମାର ଦେବଦର୍ଶୀ, କାର୍ତ୍ତିକ ଚନ୍ଦ୍ର ସେଠୀ, ଗୋପାଳ ଚନ୍ଦ୍ର ସାହୁ, ହେମନ୍ତ କୁମାର ବିଶ୍ୱାଳ, ଶୁକଦେବ ସାହୁ, ଲକ୍ଷ୍ମୀଧର ପରମାଣିକ,, ଉମେଶ କୁମାର ସାହୁ, ସେକ ୱାହିଦ , ଗଦାଧର ଦାସ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ରାଜେନ୍ଦ୍ର କୁମାର ସାହୁ, ପ୍ରକାଶ କୁମାର ସାହୁ, ଅନିରୁଦ୍ଧ ସାହୁ, ସନ୍ତୋଷ କୁମାର ସାହୁ, ହେମନ୍ତ କୁମାର ନାୟକ, ଭାବଗ୍ରାହୀ ବିଶ୍ୱାଳ, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ବଜାର କମିଟି ସଦସ୍ୟ ମାନେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜୟ କୁମାର ସାହୁ।

ରାଷ୍ଟ୍ରୀୟ ଏକତା ଦିବସରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ୭୦ କିଲୋମିଟର ସାଇକେଲ ଯାତ୍ରା

ବଲାଙ୍ଗୀର (ମହାଭାରତ):ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜାତୀୟ ଏକତା, ଭାଇଚାରା, ଶାରୀରିକ ସୁସ୍ଥତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରସାର "ଡିବ୍ରି" ଏବଂ "ପଲ୍ଲୀ ଆଲୋକ ପାଠାଗାର"ର ମିଳିତ ଆନୁକୂଲ୍ୟରେ "ୟୁନିଟି ରାଇଡ୍ ସାଇକ୍ଲୋଥନ୍-୨୦୨୬" ଆୟୋଜିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ

ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ମାନ୍ୟବର ମନ୍ତ୍ରୀ ନିଜେ ସାଇକେଲ ଚାଳନାରେ ଅଂଶଗ୍ରହଣ କରି ପ୍ରାୟ ୭୦ କିଲୋମିଟର ଦୀର୍ଘ ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ। ତାଙ୍କର ଏହି ଉତ୍ସାହଜନକ ଅଂଶଗ୍ରହଣ ଯୁବପିଢ଼ି ଓ ସାଇକେଲ ପ୍ରେମୀଙ୍କୁ ଉତ୍ସାହିତ କରିବା ସହ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପ୍ରେରଣା ଯୋଗାଇଥିଲା।ସକାଳ ୭ଟାରେ ଆଗଲପୁରଠାରୁ ଏହି ସାଇକ୍ଲୋଥନ୍ ଆରମ୍ଭ ହୋଇ ଭରସୁଜା, କରକଟିଆ ଛକ, ଲୋଇସିଂହା, ଦୁର୍ଗାପାଲି, ଜାମଗାଁ, ସାତମାଇଲ ଛକ, ଛତାପିପଲ ଓ ଦଶପୁର ଦେଇ ଶେଷରେ ମହିମୁଣ୍ଡାଠାରେ ଉଦ୍‌ଯାପିତ ହୋଇଥିଲା । ଏହି ସାଇକ୍ଲୋଥନ୍ କେବଳ ଏକ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ନଥିଲା, ବରଂ ସମାଜରେ ଏକତା, ସମନ୍ୱୟ, ଭାଇଚାରା ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ ଥିଲା। ଏଥିରେ ବହୁ ସଂଖ୍ୟାରେ ସାଇକେଲ ଆରୋହୀ, ଯୁବବର୍ଗ ଓ ସ୍ଥାନୀୟ ନାଗରିକ ଉତ୍ସାହର ସହ ଯୋଗଦେଇ ଜାତୀୟ ଏକତାର ସନ୍ଦେଶକୁ ଜନମାନସରେ ପହଞ୍ଚାଇଥିଲେ।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧାହ୍ନ ଭୋଜନ ସଚେତନତା ମେଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିବା ବେଳେ ମଞ୍ଚ ପରିଚାଳନା ଶିକ୍ଷକ ପାର୍ଥ ସାରଥୀ ବେଜ୍, କୁନାଲ କୁମାର ପଣ୍ଡା କରିଛନ୍ତି । ଏହି ସୁରଭି ମହୋତ୍ସବ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ଯୋଗଦେଇ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମ ରେ ଏକ୍ଜୁକ୍ୟୁଟିଭ କମ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ,ଜଗଦୀଶ ନାୟକ,ଶିକ୍ଷକ ନେତା କମଳା କାନ୍ତ ପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ସନ୍ତୋଷ କୁମାର ନାଏକ, ଜ୍ୟୋର୍ତିମୟୀ ତ୍ରିପାଠୀ,ପ୍ରମୋଦ କୁମାର ମହାନ୍ତ ସଂପୂର୍ଣ୍ଣ ସହଯୋଗ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ' ସୁରଭି ' କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବିତର୍କ,ଚିତ୍ରକଳା,ଶିଳ୍ପକଳା,ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ରେ ବ୍ଲକର ୧୩ ଗୋଟି କ୍ଲଷ୍ଟର ଅଂଶ ଗ୍ରହଣ କରି କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସମାଜସେବୀ ବିଦ୍ୟାଧର ଦାଶ,ତହସିଲଦାର ଅଶ୍ୱନୀ କୁମାର ନାଏକ,ଗୋଷ୍ଠୀ ଉନ୍ନୟନ ଅଧକାରୀ ମାନସ କୁମାର ଦଣ୍ଡପାଟ,ଅଜୟ କୁମାର ଦାଶ, ସନାତନ ଦାଶ,ବଡପାଟଣା ସରପଞ୍ଚ ବିନତୀ ବାନରା ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ଛାତ୍ରଛାତ୍ରୀ ମାନ ଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଛନ୍ତି।

ଶରଣକୁଳ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଆଇଆଇସି ଅନୀତା ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ଉତ୍ସବରେ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ ମୁଖ୍ୟଅତିଥି,ଓଡ଼ଗାଁ ମଣ୍ଡଳ ଆମ୍ବା ଅଧକ୍ଷ କୁଳମଣି ମାଝି ମୁଖ୍ୟବକ୍ତା ଓ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନସ ରଞ୍ଜନ ନାୟକ,ପ୍ରମୋଦ କୁମାର ପ୍ରଧାନ ଓ ଥାନା କର୍ମଚାରୀ ସହଯୋଗ କରିଥିଲେ ।ଗତକାଲି ନିଶାମୁକ୍ତ ଓଡ଼ିଶା ଓ ରାଷ୍ଟ୍ରୀୟ ଏକତା ଉପରେ ଅନୁଷ୍ଠିତ ତର୍କ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ତର୍କରେ ପ୍ରଥମ,ଶ୍ରଦ୍ଧା ବେହେରା ଦ୍ୱିତୀୟ,ରାଜଲକ୍ଷ୍ମୀ ଷଡ଼ଙ୍ଗୀ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ସେହିପରି କୁଇଜରେ ଅଭିଲିପ୍ସା ପ୍ରଧାନ ପ୍ରଥମ, ଶୁଭ୍ରାଂଶୁ ପରିଡ଼ା ଦ୍ୱିତୀୟ ଓ ଓମ୍ ? ସାଇପ୍ରକାଶ ତୃତୀୟସ୍ଥାନ ଅଧିକାର କରିଥିଲେ ।ଆଜିର ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି ।

୩୫ ହଜାର ଟଙ୍କାରେ ନିଲାମ ହେଲା ମା'ଙ୍କ ଆଜ୍ଞା ଲଡୁ

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କୁକୁଡ଼ାବାହାଲି ଗ୍ରାମରେ ଧୁମଧାମ ଓ ଭକ୍ତିମୟ ପରିବେଶରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଚଳିତ ବର୍ଷ ପୂଜା କମିଟି ୪୧ ବର୍ଷରେ ପଦାର୍ପଣ କରିଛି। ଏହି ପୂଜାରେ ପୂଜକ ଭାବେ ସଞ୍ଜୟ ଦାସ ଏବଂ କର୍ତ୍ତା ଭାବେ ଗଙ୍ଗାଧର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ପୂଜା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଦୁଇଦିନ ଧରି ଓପେରା ଆୟୋଜନ କରାଯାଇଥିଲା। ତେବେ ଚଳିତ ବର୍ଷ ପୂଜାର ମୁଖ୍ୟ ଆକର୍ଷଣ ସାଜିଥିଲା ମା'ଙ୍କ ଆଜ୍ଞା ଲଡୁ ନିଲାମ କାର୍ଯ୍ୟକ୍ରମ। ଏହି ନିଲାମ ପ୍ରକ୍ରିୟା ୫ ହଜାର ଟଙ୍କାରୁ ଆରମ୍ଭ ହୋଇ ୩୫ ହଜାର ଟଙ୍କାରେ ପହଞ୍ଚିଥିଲା। ଶେଷରେ ରେଢ଼ାଖୋଲର କୁରୁମୁଟିକିରା ଗ୍ରାମର କମଳ ବେହେରା ୩୫ ହଜାର ଟଙ୍କାରେ ମା'ଙ୍କ ଆଜ୍ଞା ଲଡୁ ନିଲାମ ଡାକି ଗ୍ରହଣ କରିଥିଲେ। ଏହି ନିଲାମ କାର୍ଯ୍ୟକ୍ରମରେ ବହୁ ଭକ୍ତ ଉତ୍ସାହର ସହ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରୀଡ଼ା ସଂଘର ସମ୍ପାଦକ ଦୁଲାଲ ପ୍ରଧାନ, କୁକୁଡ଼ାବାହାଲି ଗ୍ରାମପଞ୍ଚାୟତର ସରପଞ୍ଚ ଅନିମା ପ୍ରଧାନ ଓ ସମିତି ସଭ୍ୟା ରଞ୍ଜିତା ପ୍ରଧାନ ଯୋଗଦେଇଥିଲେ। ପୂଜା କମିଟିର ସଭାପତି ମାନସ ପ୍ରଧାନଙ୍କ ସମେତ ଟିକେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଲୁକୁ ପ୍ରଧାନ ଏବଂ ଗ୍ରାମର ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।

ସୋଲପଟା ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବିଧାନସଭାରେ ପଞ୍ଚସଖା ଶିକ୍ଷାସେତୁର ସଭାପତି ସୁଶାନ୍ତ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବରାଡ଼ ଏବଂ ସମିତିସଭ୍ୟ ବିନୟ କୁମାର ବରାଡ଼ ଯୋଗ ଦେଇଥିଲେ ।ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନା ମାରାଣ୍ଡି ଛାୟା ବିଧାନସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁରେଖା ସାମନ୍ତରାୟ ଏବଂ

ପୂଜାରାଣୀ ମହାପାତ୍ର ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଗଣିଆ ଥାନା ପରିସରରେ ଜାତୀୟ ଏକତା ଦିବସ ଓ ନିଶା ମୁକ୍ତ ଭାରତ ଅଭିଯାନ

ଗଣିଆ,(ମହାଭାରତ): ସ୍ଥାନୀୟ ଗଣିଆ ଥାନା ପରିସରରେ 'ଜାତୀୟ ଏକତା ଦିବସ' ଏବଂ 'ନିଶା ମୁକ୍ତ ଭାରତ ଅଭିଯାନ' ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏହି ସମାବେଶରେ ଗଣିଆ ଥାନାର ଏସ୍ ?ଆଇ ଶ୍ୟାମସୁନ୍ଦର ପ୍ରଧାନ ଏବଂ ସ୍ଥାନୀୟ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ଓ ଦେଶର ଏକତା ରକ୍ଷା କରିବାରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହିତ ସମାଜରୁ ନିଶା ନିବାରଣ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ଏକ ସୁସ୍ଥ ତଥା ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଦେଶର ଅଖଣ୍ଡତା ବଜାୟ ରଖିବା ଏବଂ ନିଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନାର ଅନ୍ୟାନ୍ୟ କର୍ମଚାରୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଣଦୌଡ଼ ଓ ଶପଥ ପାଠ

ବଅଁରପାଳ, (ମହାଭାରତ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶନିବାର ସକାଳ ୭ଟା ୩୦ ମିନିଟ୍ ?ରେ ବଅଁରପାଳ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବଅଁରପାଳ ଥାନା ଅଧିକାରୀ ଅୟସକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବାହାରିଥିବା ଏହି ଗଣଦୌଡ଼ ବଅଁରପାଳ ଥାନା ପରିସରରେ ଶେଷ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବଅଁରପାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ସ୍ଥାନୀୟ ଜନସାଧାରଣ, ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଗଣଦୌଡ଼ ଶେଷ ପରେ ବଅଁରପାଳ ଥାନା ପରିସରରେ ଏସ୍‌ଆଇ ମନୋଜ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ ।ସେହିପରି ଦିବ୍ୟ ଦର୍ଶନ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ବିଭିନ୍ନ ମହାପୁରୁଷଙ୍କ ବେଶଭୂଷା ପରିଧାନ କରି ବିଦ୍ୟାଳୟରୁ ବାହାରି ବଅଁରପାଳ ଥାନା ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇଥିଲେ। ଦେଶାତ୍ମବୋଧକ ସ୍ଲୋଗାନ ଦେଇ ସେମାନେ ପୁଣି ବିଦ୍ୟାଳୟକୁ ଫେରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା ।ଏହି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶର ଏକତା ଓ ଅଖଣ୍ଡତା ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା। ତାଙ୍କ ଆଦର୍ଶରୁ ପ୍ରେରଣା ନେଇ ଦେଶର ଏକତା, ଅଖଣ୍ଡତା ଓ ଭ୍ରାତୃତ୍ୱ ଭାବନାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ।

ହିନ୍ଦୋଳ ତାଲୁକ ଆଇନ ସେବା କମିଟି ପକ୍ଷରୁ ପୋକ୍ସୋ ସଚେତନତା ଶିବିର ଅନୁଷ୍ଠିତ

ହିନ୍ଦୋଳ (ମହାଭାରତ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ଆଇନ ସେବା ନିର୍ଦ୍ଦେଶ କ୍ରମେ ପ୍ରଥମେ ଖଜୁରିଆକଟା ହାଇସ୍କୁଲ ଠାରେ ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର ପରେ ପଲ୍ଲୀ ବିକାଶ ହାଇସ୍କୁଲ କୁରୁମିଠା ଠାରେ ଶ୍ରୀକାନ୍ତ କୁମାର ବେହେରା ପରେ ରାସୋଳ ହାଇସ୍କୁଲ ଠାରେ ପ୍ରଭାତ ରଞ୍ଜନ ପୃଷ୍ଟି ଏବଂ ପ୍ରଧାନଶିକ୍ଷକ ଅନାଦି ଚରଣ ନାଏକ ଖାଲିବୋରେଇ ହାଇସ୍କୁଲ ଠାରେ ଗୋବିନ୍ଦ ନାଏକ ଏବଂ ପ୍ରଧାନଶିକ୍ଷକ ପ୍ରଭାସ ଘଡେଇ ପରେ ହିନ୍ଦୋଳ ଆଦର୍ଶ ବିଦ୍ୟାଳୟ ଠାରେ ହିନ୍ଦୋଳ ତାଲୁକ ସେବା ସମିତି ର ଅଧକ୍ଷ ତଥା ହିନ୍ଦୋଳ କୋର୍ଟ ର ସିନିଅର ସବଜଜ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷ ତପନ କୁମାର ବେହେରା ପ୍ରଧାନ ଶିକ୍ଷକ କୃତିବାସ ନାୟକ ଏବଂ ଶେଷରେ ହିନ୍ଦୋଳ ହାଇସ୍କୁଲ ପରିସରରେ ହିନ୍ଦୋଳ କୋର୍ଟ ର ମାନ୍ୟବର ମାଜିଷ୍ଟ୍ରେଟ ପ୍ରଭାତୀ ରଣା ବରିଷ୍ଠ ଆଇନଜୀବୀ ସଞ୍ଜୟ ପଟ୍ଟନାୟକ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପୃଷ୍ଟି ଯୋଗଦେଇ ପୋକ୍ସୋ ଆଇନ ର କାର୍ଯ୍ୟକାରିତା କୁ ନେଇ ଛାତ୍ରଛାତ୍ରୀ ମାନଙ୍କ ସହିତ ପୋକ୍ସୋ ଆଇନ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିରେ କିରାଣୀ ତୃପ୍ତିଲତା ସାହୁ ଏବଂ ଗଙ୍ଗାଧର ସାହୁ ସହଯୋଗ କରିଥିଲେ ।

ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ):ସ୍ଥାନୀୟ ଏନଏସି ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦିନ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ସମୃଦ୍ଧ ଭାଷା - ସମୃଦ୍ଧ ଓଡ଼ିଶା' ଶୀର୍ଷକ ଥିମ୍ ?କୁ ନେଇ ଆୟୋଜିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ଶଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ସହିଦ

ଶିକ୍ଷୟିତ୍ରୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଓ ଗୋପବନ୍ଧୁ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅପରାହ୍ଣରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର କହଁରଙ୍କ ସଂଯୋଜନାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଇଓ ଗୀତାଞ୍ଜଳି ସାହୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ସାଂସଦଙ୍କ ପ୍ରତିନିଧି ତଥା କାଉନସିଲର ଜ୍ଞାନ ରଞ୍ଜନ ସାହୁ ଏବଂ ଏବିଇଓ ଶ୍ୟାମସୁନ୍ଦର ଜାନୀ ଅତିଥି ଭାବେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସୂର୍ଯ୍ୟମଣୀ ମହାପାତ୍ର, ବିଘ୍ନେଶ୍ୱର ବେହେରା, କୁବେରମଣି ସାହୁ, ଲକ୍ଷ୍ମୀଧର ସାହୁ, ପରମାନନ୍ଦ କହଁର ଓ ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଦଶପଲ୍ଲା ବ୍ଲକ ତଥା ଏନଏସି ଅନ୍ତର୍ଗତ ୧୩ଟି କ୍ଲଷ୍ଟରରୁ ଶତାଧିକ ପ୍ରତିଭାବାନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

ଛାୟା ସଂସଦରେ 'ଜନ ମହାଭିଯୋଗ' ପ୍ରସ୍ତାବ

ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ବ୍ଲକର ଚାର୍ଜଶିଟ୍

ନୂଆଦିଲ୍ଲୀ,୩୧।୧୦: ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀଙ୍କ ଜନ ମହାଭିଯୋଗ କାର୍ଯ୍ୟକ୍ରମ। ବିରୋଧୀ ଇଣ୍ଡିଆ ବ୍ଲକ ଆଜି ଛାୟା ସଂସଦ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଣିଛି ମହାଭିଯୋଗ ପ୍ରସ୍ତାବ। କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ ପକ୍ଷରୁ ଏହି ଛାୟା ସଂସଦରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ହୋଇଛି ଚାର୍ଜଶିଟ। ଜ୍ଞାନେଶ କୁମାରଙ୍କୁ ସିଇସି ମଧ୍ୟରୁ ହଟାଇ ତାଙ୍କ ବିରୋଧରେ ଭୋଟ ଚୋରି ପାଇଁ ଦେଶଦ୍ରୋହ ମାମଲା ଚାଲୁ କରିବାକୁ ମହାଭିଯୋଗ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। କଂଗ୍ରେସର ରାଜ୍ୟସଭା ସାଂସଦ ତଥା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ୧୦ ରାଜାଜୀ ମାର୍ଗ ବାସଭବନରେ ଏହି ଛାୟା ସଂସଦ ଶନିବାର ଅପରାହ୍ନ ୩.୩୦ରେ ଆରମ୍ଭ ହୋଇଥିଲା। ଏହାର ଅଧ୍ୟକ୍ଷତା କରିଛନ୍ତି ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାରୀ। ଭୋଟି ଚୋରି ଅଭିଯୋଗ କରି ଇଣ୍ଡିଆ ବ୍ଲକ ଛାୟା ସଂସଦରେ ସିଇସି ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କ ଉପରେ ଜୋରଦାର ବର୍ଷିଛି। ଛାୟା ସଂସଦରେ ଖଡଗେ 'ଜନ ମହାଭିଯୋଗ' ପ୍ରସ୍ତାବ ଆଗତ କରିଛନ୍ତି। ସେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଥିବା ଅଭିଯୋଗକୁ ମଧ୍ୟ ଉପସ୍ଥାପନ କରିଛନ୍ତି।

ତାଙ୍କ କହିବା କଥା ଯେ ଭୋଟର ତାଲିକାର କେନ୍ଦ୍ରୀୟ ନିୟନ୍ତ୍ରଣର ଦୋଷୀ ହେଉଛନ୍ତି ଜ୍ଞାନେଶ କୁମାର। ଇଣ୍ଡିଆ ବ୍ଲକ ସର୍ବସମ୍ମତିକ୍ରମେ ତାଙ୍କ ଇସ୍ତଫା ଦାବି କରୁଛି। ସେ ଭୋଟି ଚୋରିରେ ସହାୟତା କରିଥିବାରୁ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନକୁ ବନ୍ଦ କରାଯାଉ ଓ ୨୦୨୩ରେ ସିଇସି ନିଯୁକ୍ତି ଓ ସୁରକ୍ଷା ପାଇଁ ଏକତରଫା ଭାବେ ପାରିତ ଆଇନକୁ ରଦ୍ଦ କରାଯାଉ। ସିଇସି ଜ୍ଞାନେଶ କୁମାରଙ୍କ ଭଳି ଲୋକ ଯଦି ସାମ୍ବିଧାନିକ ପଦରେ ରହିବେ, ତା'ହେଲେ ଗଣତନ୍ତ୍ର ପାଇଁ ବିପଦ ବୋଲି 'ଜନ ମହାଭିଯୋଗ' ପ୍ରସ୍ତାବରେ ଉଲ୍ଲେଖ କରିଛି। ଏହି ପ୍ରସ୍ତାବକୁ ଆଗତ କରି ଖଡଗେ କହିଛନ୍ତି ଯେ "୨୦୨୩ ଡିସେମ୍ବରରେ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଜୀବନବ୍ୟାପୀ ଆଇନଗତ ସୁରକ୍ଷା ଦେଇଛି।

ବାସ୍ତବରେ ଏହା ଦେଶ ଓ ସମ୍ବିଧାନ ବିରୋଧରେ ସେ କରିଥିବା ଅପରାଧିକ କାର୍ଯ୍ୟକଳାପରୁ ତାଙ୍କୁ ସୁରକ୍ଷା ଦେବା ପାଇଁ ହୋଇଛି। ତେଣୁ ସିଇସି ଜ୍ଞାନେଶ କୁମାରଙ୍କୁ ତତ୍କାଳ ଭାବେ ବରଖାସ୍ତ କରାଯାଉ। ଇଣ୍ଡିଆ ବ୍ଲକର ସାଂସଦମାନେ ଦେଶର ୬୦% ଲୋକଙ୍କୁ ପ୍ରତିନିଧିତ୍ୱ କରନ୍ତି। ଏହାବାଦ ଏହି କାର୍ଯ୍ୟକ୍ରମରେ ଅନେକ ସାମାଜିକ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି। ସମସ୍ତେ ମିଳିତ ଭାବେ ସଂକଳ୍ପ ନେଇଛନ୍ତି ଯେ ଭାରତର ଲୋକଙ୍କ ସହ ଏପରି ଘୋର ବିଶ୍ୱାସଘାତକତା ପାଇଁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଚାଲିବା ଦରକାର।" ବିଜେପିକୁ ବିରୋଧ କରୁଥିବା ଭୋଟରଙ୍କ ନାଁକୁ ଡିଲିଟ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରର ବ୍ୟବହାର କରିଥିବା ଖଡଗେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଶାସକ ଦଳକୁ ବିରୋଧ କରୁଥିବା ଭୋଟରଙ୍କୁ ଟାର୍ଗେଟ କରିବା ପାଇଁ ରାତାରାତି ପୂରା ଦେଶରେ ଏସ୍‌ଆଇଆର ଘୋଷଣା କରି ଲାଗୁ କରାଯାଇଥିଲା। ସେମାନେ କହୁଛନ୍ତି ଯେ ଆମେ ଏସ୍‌ଆଇଆରକୁ ବିରୋଧ କରି ଅନୁପ୍ରବେଶକାରୀଙ୍କୁ ସାମିଲ କରିବାକୁ ଚାହୁଁଛୁ। କିନ୍ତୁ ପ୍ରକୃତରେ ଏହା ସେମିତି କିଛି ନୁହେଁ। ଆମେ କେବଳ ପ୍ରକୃତ ଓ ବୈଧ ଭୋଟରଙ୍କୁ ସାମିଲ କରିବାକୁ ଓକିଲାତି କରୁଛୁ। ଆମେ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ଏସବୁ କରୁଥିବା ଖଡଗେ କହିଛନ୍ତି।

ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଦାବି

ଏସ୍‌ଆଇଆରୟ ପରେ ୧.୨୭ କୋଟି ହିନ୍ଦୁ ଭୋଟରଙ୍କ ନାଁ ବାଦ୍

ନୂଆଦିଲ୍ଲୀ,୩୧।୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆରକୁ ନେଇ ସତର୍କ ରହିବାକୁ ବିଜେପି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସେ ବଡ଼ ଦାବି କରିଛନ୍ତି। ତାଙ୍କ କହିବା କଥା ଯେ ଏସ୍‌ଆଇଆର ପରେ ଉତ୍ତର ପ୍ରଦେଶର ଭୋଟର ତାଲିକାରୁ ୧.୨୭ କୋଟି ହିନ୍ଦୁ ଭୋଟରଙ୍କ ନାଁ ବାଦ ପଡ଼ିଛି। ଜଣେ ହେଲେ ବି ଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରୁ ବାଦ ନପଡ଼ିବେ, ତା'କୁ ଦଳୀୟ କର୍ମୀମାନେ ନିଶ୍ଚିତ କରନ୍ତୁ ବୋଲି ମଧ୍ୟ କହିଛନ୍ତି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ। ତାଙ୍କ କହିବା କଥା ଯେ ଭୋଟର ତାଲିକାରୁ ଏପରି ତଥାକଥିତ ନାଁ ହଟିବା ପ୍ରକ୍ରିୟା ୨୮ଟି ସହରାଞ୍ଚଳ ପୌର ପରିଷଦରେ ଦଳକୁ ଦୁର୍ବଳ କରି ଦେଇଛି। ଉତ୍ତର ପ୍ରଦେଶରେ ୧୬ କୋଟିରୁ ଅଧିକ ଭୋଟର ରହିବା କଥା। କିନ୍ତୁ ଏବେ ପ୍ରାୟ ୧୩ କୋଟି ଭୋଟର ରହିଥିବା ସେ କହିଛନ୍ତି। ଆଦିତ୍ୟନାଥ କହିଛନ୍ତି, ପଞ୍ଚାୟତ ଭୋଟର ତାଲିକାରେ ଏମିତି ୬୬ ଲକ୍ଷ ଲୋକ ରହିଛନ୍ତି, ଯେଉଁମାନଙ୍କ ନାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ନାହିଁ। ୫୫ ଲକ୍ଷ ସରକାରୀ ଯୋଜନାର ହିତାଧିକାରୀଙ୍କ ନାଁ ମଧ୍ୟ ଭୋଟର ତାଲିକାରେ ନାହିଁ। ୧୮ରୁ ୧୯ ବର୍ଷ ବୟସ ବର୍ଗରେ ଥିବା ୪.୫ ଲକ୍ଷ ଯୁବ ଭୋଟରଙ୍କୁ ମଧ୍ୟ ରାଜ୍ୟ ମତଦାତାସୂଚୀରେ ସାମିଲ କରାଯାଇ ନଥିବା ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ବିଜେପି କର୍ମୀମାନେ ଏବେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓମାନଙ୍କ ସହ ମିଶି ସମସ୍ତ ଯୋଗ୍ୟ ଭୋଟରଙ୍କ ନାଁ ମତଦାତାସୂଚୀରେ ସାମିଲ କରାଯିବ, ତା'କୁ ନିଶ୍ଚିତ କରନ୍ତୁ। ଏଥିସହ ଏହି କାର୍ଯ୍ୟକ୍ରମକୁ ନିୟମିତ ସମୀକ୍ଷା ମଧ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଶେଷ କରି ହିନ୍ଦୁ ଭୋଟରମାନଙ୍କ ନାଁ ଯେମିତି ଭୋଟର ତାଲିକାରେ ରହିବ, ତା'କୁ ନିଶ୍ଚିତ କରିବାର ଦାୟିତ୍ୱ ଦଳୀୟ ସାଂସଦ, ବିଧାୟକ ଓ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍‌ଆଇଆର ପରେ ଉତ୍ତର ପ୍ରଦେଶର ଭୋଟର ତାଲିକାରୁ ନିର୍ବାଚନ କମିଶନ ୨.୦୪ କୋଟି ଲୋକଙ୍କ ନାଁ ହଟାଇ ଦେଇଛନ୍ତି। ସହରାଞ୍ଚଳରୁ ଅଧିକ ଲୋକଙ୍କ ନାଁ କଟିଥିବା ବେଳେ ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ସେହିପରି ଏସ୍‌ଆଇଆର ବେଳେ ୮୪ ଲକ୍ଷ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏବେ ରାଜ୍ୟର ଭୋଟର ତାଲିକାରେ ୧୩,୩୯,୮୪,୭୯୨ ଜଣଙ୍କ ନାଁ ରହିଛି।

ଭାରତର ବଡ଼ ବିଜୟ

ଦାରିଦ୍ର୍ୟରୁ ବାହାରିଛନ୍ତି ୪୯.୬ କୋଟି ଲୋକ

ନୂଆଦିଲ୍ଲୀ,୩୧।୧୦: ଗତ ଏକ ଦଶନ୍ଧିରେ ଭାରତର ଦାରିଦ୍ର୍ୟ ଚିତ୍ରରେ ବଡ଼ ପରିବର୍ତ୍ତନ ଆସିଛି। ୱାର୍ଲ୍ଡ ବ୍ୟାଙ୍କର ଏକ ନୂଆ ରିପୋର୍ଟ କହୁଛି, ୨୦୧୧ରୁ ୨୦୨୩ ମଧ୍ୟରେ ଦେଶର ପ୍ରାୟ ୪୯.୬ କୋଟି ଲୋକ ଦାରିଦ୍ର୍ୟରୁ ବାହାରିଛନ୍ତି। ଏହି ସମୟରେ ଗରିବ ଲୋକଙ୍କ ସଂଖ୍ୟା ଓ ମୋଟ ଜନସଂଖ୍ୟାରେ ତାଙ୍କ ଅଂଶ ଉଭୟ ଦ୍ରୁତ ହାରରେ କମିଛି। ୱାର୍ଲ୍ଡ ବ୍ୟାଙ୍କ ଅନୁସାରେ, ୨୦୧୧ରେ ଭାରତର ପ୍ରାୟ ୫୭.୭ ପ୍ରତିଶତ ଲୋକ ଦୈନିକ ୪.୨୦ ଡଲାରରୁ କମ୍ ରାଶିରେ ଜୀବନଯାପନ କରୁଥିଲେ। ଏହି ଗଣନା ୨୦୨୧ର Purchasing Power Parity ବା PPP ଆଧାରରେ କରାଯାଇଛି। ୨୦୨୩କୁ ଆସିବା ବେଳକୁ ଏହି ହାର ହ୍ରାସ ପାଇ ୧୬.୧ ପ୍ରତିଶତରେ ପହଞ୍ଚିଛି। ଏହି ହିସାବ ଅନୁସାରେ ପ୍ରାୟ ୪୯.୬ କୋଟି ଲୋକ ଦାରିଦ୍ର୍ୟ ସୀମାରୁ ବାହାରିଥିବା କୁହାଯାଇଛି। ରିପୋର୍ଟରେ ଅତ୍ୟଧିକ ବା ଚରମ ଦାରିଦ୍ର୍ୟରେ ମଧ୍ୟ ବଡ଼ ହ୍ରାସ ଘଟିଥିବା କୁହାଯାଇଛି। ୨୦୧୧ରେ ଦୈନିକ ୩ ଡଲାରରୁ କମ୍ ରାଶିରେ ଜୀବନଯାପନ କରୁଥିବା ଲୋକଙ୍କ ଅଂଶ ୨୭.୧ ପ୍ରତିଶତ ଥିଲା। ୨୦୨୩ରେ ଏହା ହ୍ରାସ ପାଇ ମାତ୍ର ୨.୬ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ଗତ ୧୨ ବର୍ଷରେ କେବଳ ସାଧାରଣ ଦାରିଦ୍ର୍ୟ ନୁହେଁ, ଚରମ ଦାରିଦ୍ର୍ୟରେ ରହୁଥିବା ଜନସଂଖ୍ୟାର ଅଂଶ ମଧ୍ୟ ବହୁ ପରିମାଣରେ କମିଛି। ଦାରିଦ୍ର୍ୟ ହ୍ରାସ ପଛରେ ଏକାଧିକ କାରଣ ଥିବା ୱାର୍ଲ୍ଡ ବ୍ୟାଙ୍କ ଉଲ୍ଲେଖ କରିଛି। ଲୋକଙ୍କ ଖର୍ଚ୍ଚ ବୃଦ୍ଧି, ନୂଆ ରୋଜଗାର ସୁଯୋଗ ସୃଷ୍ଟି ଏବଂ ଖାଦ୍ୟ ସବସିଡି ସହ ବିଭିନ୍ନ ସରକାରୀ ସହାୟତା ଯୋଜନା ଏଥିରେ ପ୍ରମୁଖ ଭୂମିକା ନେଇଛି। ବିଶେଷକରି ଶ୍ରମ ବଜାରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପରିବାରର ଆୟ ବଢ଼ାଇବାରେ ସହାୟକ ହୋଇଛି। ୨୦୧୭ରୁ ୨୦୨୩ ମଧ୍ୟରେ ଦେଶରେ କାର୍ଯ୍ୟରତ ଲୋକଙ୍କ ସଂଖ୍ୟା ପ୍ରାୟ ୧୩.୪ କୋଟି ବଢ଼ିଥିବା ରିପୋର୍ଟ କହିଛି।

ପଞ୍ଜାବ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା ଆପ୍

- ଧୁରୀରୁ ଲଢ଼ିବେ ମୁଖ୍ୟମନ୍ତ୍ରୀ
- ଜେଲ୍‌ରେ ଥିବା ମନ୍ତ୍ରୀଙ୍କୁ ମିଳିଲା ଟିକେଟ୍

ନୂଆଦିଲ୍ଲୀ,୩୧।୧୦: ଆସନ୍ତାବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଏବେ ଠାରୁ ରଣନୀତି ପ୍ରସ୍ତୁତ କରିଛି ପଞ୍ଜାବର କ୍ଷମତାସୀନ ଆମ ଆଦ୍‌ମୀ ପାର୍ଟି ବା ଆପ୍। ଆଜି ଦଳ ପକ୍ଷରୁ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଜାରି କରାଯାଇଛି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଦଳର ଘୋଷଣା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ ଏଥର ପୁଣିଥରେ ଧୁରୀ ବିଧାନସଭା ଆସନରୁ ଲଢ଼ିବେ। ସେହିପରି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ପଞ୍ଜାବ ମନ୍ତ୍ରୀ ସଞ୍ଜୀବ ଅରୋରାଙ୍କୁ ଆପ୍ ପ୍ରାର୍ଥୀ କରିଛି। ସେ ଲୁଧିଆନା ପଶ୍ଚିମ ଆସନରୁ ଟିକେଟ ପାଇଛନ୍ତି। ଏହାବାଦ ଦଳର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୪୦ ଜଣ ବିଧାୟକ ସେମାନଙ୍କ ଟିକେଟ ପାଇବାକୁ ସକ୍ଷମ ହୋଇଛନ୍ତି। ଧୁରୀ ହେଉଛି ଆପ୍‌ର ଗଡ଼।

୨୦୨୨ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମାନ ଧୁରୀରେ କଂଗ୍ରେସର ଦଳବୀର ସିଂହ ଗୋଲ୍ଡିଙ୍କୁ ଏକତରଫା ଭାବେ ୫୮ ହଜାର ଭୋଟରେ ପରାସ୍ତ କରିଥିଲେ। ନିକଟରେ ଶେଷ ପୌର ନିର୍ବାଚନରେ ମଧ୍ୟ ଆପ୍ ଧୁରୀରେ କମାଲ କରିଥିଲା। ୨୧ଟି ୱାର୍ଡରୁ ଆପ୍ ୨୦ଟିରେ ଜିତିଥିଲା। ତେଣୁ ମୁଖ୍ୟମନ୍ତ୍ରୀ ମାନ ୨୦୨୭ ବିଧାନସଭା ନିର୍ବାଚନରେ ମଧ୍ୟ ଏଠାରେ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

ଏହି ସିଟ୍‌ରେ ମନ ମଧ୍ୟ ପ୍ରଚାର ଆରମ୍ଭ କରିଛନ୍ତି। ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଏବେ ଠାରୁ ମୁଖ୍ୟମନ୍ତ୍ରୀ ମାନ୍ ଦ୍ୱାର ଦ୍ୱାର ବୁଲିବା ଆରମ୍ଭ କରିଛନ୍ତି। ସେପ୍ଟେମ୍ବର ୨୧ରୁ ମାନ ସରକାରର ଫାଇଦା ନାମକ କାର୍ଯ୍ୟକ୍ରମ ଆପ୍ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ଲୋକଙ୍କୁ ଘରକୁ ଯାଇଥିଲେ। ସାଢ଼େ ୪ ବର୍ଷ ମଧ୍ୟରେ ତାଙ୍କ ସରକାର କରିଥିବା କାମ ଗୁଡ଼ିକ ସମ୍ପର୍କରେ ସେ ଲୋକଙ୍କୁ ବୁଝାଇଛନ୍ତି।

ଆପ୍ ପ୍ରାୟ ୪୦ ଜଣ ବିଧାୟକଙ୍କୁ ୨୦୨୭ ବିଧାନସଭା ନିର୍ବାଚନରେ ରିପିଟ କରିବାକୁ ନିଷ୍ପତ୍ତି ନେଇଛି। ବିଧାୟକଙ୍କ ଟିକେଟ କାଟିଲେ ଅସନ୍ତୋଷ ଆଶଙ୍କାରେ ଦଳ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

ଦୁର୍ଘଟଣାରେ ଚାଲିଗଲା ୫ ଜୀବନ

ସିମଳା, ୩୧।୧୦: ହିମାଚଳ ପ୍ରଦେଶର ସିମଳା ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ମାଆ-ପୁଅଙ୍କ ସମେତ ମୋଟ୍ ୫ ଜଣଙ୍କର ପ୍ରାଣହାନି ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏକ ଅନିୟନ୍ତ୍ରିତ କାର୍ ରାସ୍ତାରୁ ଖାଇକୁ ଖସିପଡ଼ିବାରୁ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣା ସିମଳା ଜିଲ୍ଲାର ଟିକ୍କର ତହସିଲ ଅନ୍ତର୍ଗତ ଦରୋଟି ଗାଁ ନିକଟରେ ଘଟିଛି । ଏହି ଦୁର୍ଘଟଣାରେ କୁଶଳ (ପ୍ରମୋଦଙ୍କ ପୁଅ) ଏବଂ ତାଙ୍କ ମାଆ କଳ୍ପନା ଦେବୀ (ପ୍ରମୋଦଙ୍କ ପତ୍ନୀ) ମୃତ୍ୟୁ ହୋଇଛି । ଉଭୟ ମୃତକ ଦରୋଟି ଗାଁର ନିବାସୀ । ଏହା ବ୍ୟତୀତ ତିନି ଜଣ ନେପାଳୀ ନାଗରିକ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ମୃତ ନେପାଳୀ ମହିଳାମାନେ ହେଲେ- ନିର୍ମଳା (ପବନଙ୍କ ପତ୍ନୀ), ମୀନା (ପ୍ରେମଙ୍କ ପତ୍ନୀ) ଏବଂ ରୋଶନୀ (ପ୍ରେମଙ୍କ ଝିଅ)। ଦୁର୍ଘଟଣାରେ ଜଣେ ନେପାଳୀ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ନିମନ୍ତେ ସିମଳା ସ୍ଥିତ ଡାକ୍ତରଖାନାକୁ ରେଫର୍ କରାଯାଇଛି । ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଏକାଥରକେ ୫ ଜଣଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଦରୋଟି ଗାଁ ଓ ଆଖପାଖ ଅଞ୍ଚଳରେ ଶୋକର କାଳାୟ ଛାୟା ଖେଳିଯାଇଛି । ଟିକ୍କର ତହସିଲଦାର ପ୍ରିୟଞ୍ଜଳି ଏବଂ ନାଏବ ତହସିଲଦାର ମେହର ସିଂହ ଫିଷ୍ଟା ଦୁର୍ଘଟଣାକୁ ନିଶ୍ଚିତ କରିଛନ୍ତି ।

ଜୋତା କାରଖାନାରେ ଭୟାବହ ଅଗ୍ନିକାଣ୍ଡ, ୪ ମୃତ ଓ ୨ ଆହତ

ନୂଆଦିଲ୍ଲୀ,୩୧।୧୦: ଦିଲ୍ଲୀର ମଙ୍ଗୋଲପୁରୀ ଇଣ୍ଡଷ୍ଟ୍ରି ଅଞ୍ଚଳରେ ଥିବା ଏକ ଜୋତା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨ଜଣ ଆହତ ହୋଇଛନ୍ତି । ଆହତମାନେ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି । ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀର ମଙ୍ଗୋଲପୁରୀ ଇଣ୍ଡଷ୍ଟ୍ରି ଅଞ୍ଚଳର ଫେଜ୍ ୧ରେ ଜୋତା କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ, ପୋଲିସ ତୁରନ୍ତ କର୍ମଚାରୀ ଏବଂ ଏକ ଦଳକୁ ଘଟଣାସ୍ଥଳକୁ ପଠାଇଥିଲା । ପୋଲିସ ଅଧିକାରୀମାନେ ପ୍ରଥମେ ପହଞ୍ଚିଥିଲେ ଏବଂ ଅଗ୍ନିଶମ ଗାଡ଼ି ପହଞ୍ଚିବା ମାତ୍ରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ମୋଟ ଛଅ ଜଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ କାରଖାନାରୁ ବାହାର କରାଯାଇ ଚିକିତ୍ସା ପାଇଁ ସଞ୍ଜୟ ଗାନ୍ଧୀ ମେମୋରିଆଲ୍ ହସ୍ପିଟାଲକୁ ନିଆଯାଇଥିଲା । ପହଞ୍ଚିବା ମାତ୍ରେ ଚାରି ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା, ଯେତେବେଳେ ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅଛନ୍ତି । ଅନ୍ୟପଟେ ଏବେ ବି ଜାରି ରହିଛି ଉଦ୍ଧାର କାର୍ଯ୍ୟ । ପରିସ୍ଥିତି ଉପରେ ନଜର ରଖିବା ପାଇଁ ପୋଲିସ ରାତିସାରା ଘଟଣାସ୍ଥଳରେ ମୁତୟନ ରହିଥିଲା। ଅଗ୍ନିକାଣ୍ଡର କାରଣ ଏବଂ ଘଟଣା ସହିତ ଜଡିତ ଅନ୍ୟାନ୍ୟ ସୂଚନା ଏପର୍ଯ୍ୟନ୍ତ ଅପେକ୍ଷା କରାଯାଇଛି ।

ସାଉଦି ଆରବରେ ଯୁଦ୍ଧ ଆତଙ୍କ

ନୂଆଦିଲ୍ଲୀ,୩୧।୧୦: ସାଉଦି ଆରବରେ ଯୁଦ୍ଧ ଆତଙ୍କ । ୩ ସହରକୁ ବିମାନ ଉଡ଼ାଣ ବନ୍ଦ କଲା ଏୟାର ଇଣ୍ଡିଆ । ସାଉଦି ଆରବରେ ଜାରି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି ବଡ଼ ନିଷ୍ପତ୍ତି ନେଇଛନ୍ତି ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍। ନଭେମ୍ବର ୧୪, ୨୦୨୬ ପର୍ଯ୍ୟନ୍ତ ଜେଦ୍ଦା, ରିୟାଦ ଓ ଦମ୍ମାମକୁ ବିମାନ ଚଳାଚଳ ସ୍ଥଗିତ ରଖିଛନ୍ତି ଉଭୟ ବିମାନ କମ୍ପାନୀ। ଏହାଦ୍ୱାରା ଏହି ରୁଟ୍‌ରେ ଯାତ୍ରା କରିବାକୁ ଥିବା ହଜାର ହଜାର ଯାତ୍ରୀ ପ୍ରଭାବିତ ହୋଇପାରନ୍ତି। ତେବେ ପ୍ରଭାବିତ ଯାତ୍ରୀଙ୍କ ପାଇଁ ଏୟାରଲାଇନ୍ସ ପକ୍ଷରୁ ଆଶ୍ୱସ୍ତିକର ଘୋଷଣା କରାଯାଇଛି। ପୂର୍ବରୁ ଟିକେଟ୍ ବୁକ୍ କରିଥିବା ଯାତ୍ରୀମାନେ ଥରେ ମାଗଣାରେ ଯାତ୍ରା ତାରିଖ ପରିବର୍ତ୍ତନ କରିପାରିବେ। ନଚେତ୍ ଟିକେଟ୍ ବାତିଲ୍ କରି ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇପାରିବେ । ଏହି ସୁବିଧା ଅକ୍ଟୋବର ୩୦, ୨୦୨୬ କିମ୍ବା ତା' ପୂର୍ବରୁ ଟିକେଟ୍ ଜାରି ହୋଇଥିବା ଏବଂ ନଭେମ୍ବର ୧୪ ତାରିଖ ସୁଦ୍ଧା ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ପାଇଁ ଲାଗୁ ହେବ। ଯାତ୍ରୀମାନେ ସିଟ୍ ଉପଲବ୍ଧତା ଅନୁସାରେ ନଭେମ୍ବର ୨୯, ୨୦୨୬ ପର୍ଯ୍ୟନ୍ତ ନିଜର ଯାତ୍ରା ପୁନଃନିର୍ଦ୍ଧାରଣ କରିପାରିବେ । ଏୟାର ଇଣ୍ଡିଆର ଯାତ୍ରୀମାନେ ସାଉଦି ଆରବର ଅନ୍ୟ କାର୍ଯ୍ୟକ୍ଷମ ଷ୍ଟେସନ୍‌କୁ ଯାତ୍ରା ପାଇଁ ବିକଳ୍ପ ପାଇପାରିବେ । ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଯାତ୍ରୀମାନେ ସାଉଦି ଆରବ ସହ ବାହାରିନର ଅନ୍ୟ କାର୍ଯ୍ୟକ୍ଷମ ଷ୍ଟେସନ୍‌କୁ ମଧ୍ୟ ପୁନଃବୁକିଂ କରିପାରିବେ।

ଢାକାରେ ଭାରତ ବିରୋଧୀ ହୁଙ୍କାର

ଗଙ୍ଗା ଜଳ ଚୁକ୍ତିକୁ ନେଇ ନୂଆ ବିବାଦ

- ଗୃହମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି

ଢାକା,୩୧।୧୦: ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ସରକାର ବିରୋଧରେ ପ୍ରତିବାଦ ପ୍ରଦର୍ଶନ ସମୟରେ ରାଜଧାନୀ ଢାକାରେ ପୁଣିଥରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି । ଶୁକ୍ରବାର 'ନ୍ୟାସନାଲ ସିଟିଜେନ୍ ପାର୍ଟି' ନେତା ନାହିଦ୍ ଇସଲାମଙ୍କ ନେତୃତ୍ୱରେ ଏକ ବିରାଟ ରାଲି ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ । ଦେଶରେ ବୃଦ୍ଧି ପାଉଥିବା ମହଙ୍ଗା, ବିଜୁଳି ସଙ୍କଟ ଏବଂ ଇନ୍ଧନ-ଗ୍ୟାସର ଅଭାବକୁ ନେଇ ପ୍ରଦର୍ଶନକାରୀମାନେ ସରକାରଙ୍କୁ ଘେରିବା ସହ ଗୃହମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ଢାକା ଜାତୀୟ ସଂଗ୍ରହାଳୟ ସାମ୍ନାରେ ହୋଇଥିବା ଏହି ରାଲିରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଘଉଚ ନେତାମାନେ 'ଦିଲ୍ଲୀ ନୁହେଁ, ଢାକା... ଢାକା' ବୋଲି ନାରା ଦେଉଥିବା ଦେଖିବାକୁ ମିଳିଛି । ନାହିଦ୍ ଇସ୍ଲାମ୍ ଭାରତ ବିରୋଧରେ ବାଂଲାଦେଶ ବିରୋଧରେ ଚକ୍ରାନ୍ତ କରୁଥିବା ଅଭିଯୋଗ ଆଣିଛନ୍ତି । ସୀମାରେ ହତ୍ୟା, ଆସାମ ଓ ପଶ୍ଚିମବଙ୍ଗରେ ମୁସଲମାନଙ୍କ ପ୍ରତି ଭେଦଭାବ ଭଳି ଅଭିଯୋଗ ମଧ୍ୟ ସେ କରିଛନ୍ତି । ଭାରତ ଓ ବାଂଲାଦେଶ ମଧ୍ୟରେ ୩୦ ବର୍ଷିଆ ଗଙ୍ଗା ଜଳ ବଣ୍ଟନ ଚୁକ୍ତି ଆସନ୍ତା ଡିସେମ୍ବର ମାସରେ ଶେଷ ହେବାକୁ ଯାଉଛି । ନାହିଦ୍ ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ଚୁକ୍ତି ନେଇ ପୁନର୍ବାର ନିରପେକ୍ଷ ଭାବେ ଆଲୋଚନା ନ କରାଯାଏ, ତେବେ ବାଂଲାଦେଶୀମାନେ ପୁଣି ରାସ୍ତାକୁ ଓହ୍ଲାଇବେ । ମିଡଲଇଷ୍ଟରେ ଜାରି ରହିଥିବା ଉତ୍ତେଜନା କାରଣରୁ ବାଂଲାଦେଶରେ ଶକ୍ତି ଯୋଗାଣ ପ୍ରଭାବିତ ହୋଇଛି । ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୨୬ ମସିହାରେ ମହଙ୍ଗା ପ୍ରାୟ ୮.୫ ପ୍ରତିଶତ ରହିଛି, ଯାହାଫଳରେ ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ଜୀବନଯାତ୍ରା କଷ୍ଟକର ହୋଇପଡ଼ିଛି । ଘଉଚ ନେତାମାନେ ଗୃହମନ୍ତ୍ରୀ ସଲାଉଦ୍ଦିନ୍ ଅହମ୍ମଦ ଏବଂ ଶକ୍ତିମନ୍ତ୍ରୀ ଇକବାଲ ହାସନ ମହମୁଦ ଟୁକୁଙ୍କର ଇସ୍ତଫା ଦାବି କରିଛନ୍ତି ।

ଦ୍ୱିତୀୟ ବୁଲେଟ୍ ଟ୍ରେନ୍ କରିଡରକୁ ମଞ୍ଜୁରୀ

ଦିଲ୍ଲୀରୁ ଗୌହାଟୀ ଦୌଡ଼ିବ ହାଇସ୍ପିଡ୍ ଟ୍ରେନ୍

ନୂଆଦିଲ୍ଲୀ,୩୧।୧୦: ଦେଶର ଦ୍ୱିତୀୟ ବୁଲେଟ୍ ଟ୍ରେନ୍ କରିଡରକୁ ଗ୍ରୀନ୍ ସିଗନାଲ୍ । ରାଜଧାନୀ ନୂଆଦିଲ୍ଲୀରୁ ଗୌହାଟୀ ଯାଏଁ ଗଡ଼ିବ ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍ । ଉତ୍ତର ଭାରତ କରିଡର ପାଇଁ ବୁଲେଟ୍ ଟ୍ରେନ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏନେଇ ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏହି ହାଇସ୍ପିଡ୍ ଟ୍ରେନ୍ ଦିଲ୍ଲୀରୁ ଯାତ୍ରା ଆରମ୍ଭ କରି ଆଗ୍ରା, କାନପୁର, ଲକ୍ଷ୍ନୌ, ବାରାଣସୀ, ପାଟନା ଦେଇ ଗୁଆହାଟୀ ପର୍ଯ୍ୟନ୍ତ ଯିବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଉତ୍ତର ଭାରତର ଲୋକଙ୍କ ପାଇଁ ରାଜଧାନୀ ଦିଲ୍ଲୀକୁ ଗମନାଗମନ ସହଜ ହେବ । କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ସୁବିଧା ପାଇପାରିବେ । ଏହାଦ୍ୱାରା ଗୌହାଟୀ, ପାଟନା, ବାରାଣସୀ, ଲକ୍ଷ୍ନୌ ଓ ଆଗ୍ରାରୁ ନୂଆଦିଲ୍ଲୀ ଯାତ୍ରା ପାଇଁ ଲାଗୁଥିବା ସମୟ ଯଥେଷ୍ଟ କମିଯିବ । ଉତ୍ତର କରିଡର ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଯାତ୍ରୀମାନେ ମାତ୍ର ୫୯ ମିନିଟ୍‌ରେ ଦିଲ୍ଲୀରୁ ଆଗ୍ରା ପହଞ୍ଚିପାରିବେ। ସେହିପରି ଦିଲ୍ଲୀରୁ କାନପୁର ପାଇଁ ୧ ଘଣ୍ଟା ୪୫ ମିନିଟ୍, ଲକ୍ଷ୍ନୌ ପାଇଁ ୨ ଘଣ୍ଟା ୧୨ ମିନିଟ୍ ଏବଂ ବାରାଣସୀ ପାଇଁ ମାତ୍ର ୩ ଘଣ୍ଟା ୩୩ ମିନିଟ୍ ସମୟ ଲାଗିବ । ନୂଆଦିଲ୍ଲୀରୁ ପାଟନା ଯାତ୍ରା ପାଇଁ ୪ ଘଣ୍ଟା ୩୩ ମିନିଟ୍ ଲାଗିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବୁଲେଟ୍ ଟ୍ରେନ୍ କେବଳ ଧନୀ ଶ୍ରେଣୀର ଲୋକଙ୍କ ପାଇଁ ବୋଲି ଅପପ୍ରଚାର କରାଯାଉଛି। କିନ୍ତୁ ଏହାର ଭଡ଼ା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ସୁଲଭ ରହିବ ବୋଲି କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିମାନ ଟିକେଟ୍ ତୁଳନାରେ ବୁଲେଟ୍ ଟ୍ରେନ୍‌ର ଭଡ଼ା ଯଥେଷ୍ଟ କମ୍ ରହିବ ।

ସମୁଦ୍ରରେ ମାଇନ୍ ବିସ୍ଫୋରଣ

୨୭ ଭାରତୀୟ ନାବିକ ଥିବା ତେଲ ଜାହାଜ ଉପରେ ଆକ୍ରମଣ

ନୂଆଦିଲ୍ଲୀ,୩୧।୧୦: ହୋର୍ମୁଜ ପ୍ରଣାଳୀରେ ପାନାମା ପତାକା ଲଗାଯାଇଥିବା ଏକ ତେଲ ଟ୍ୟାଙ୍କର ଉପରେ 'ଲିମ୍ପେଟ୍ ମାଇନ୍ସ' ଦ୍ୱାରା ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଏହି ଟ୍ୟାଙ୍କରରେ ୨୭ ଜଣ ଭାରତୀୟ ନାବିକ ଥିଲେ । ସାମୁଦ୍ରିକ ସୁରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫେବୃଆରୀ ମାସରେ ଆମେରିକା-ଇରାନ ଉତ୍ତେଜନା ଆରମ୍ଭ ହେବା ପାଖଠାରୁ ଏହି ଅଞ୍ଚଳରେ କୌଣସି ଜାହାଜ ଉପରେ ବିସ୍ଫୋରକ ଦ୍ୱାରା କରାଯାଇଥିବା ଏହା ହେଉଛି ପ୍ରଥମ ଆକ୍ରମଣ । ଏହାବ୍ୟତୀତ, ଇରାନ ଦାବି କରିଛି ଯେ ଏହାର ଆକ୍ରମଣରେ ଶତ୍ରୁପକ୍ଷର ଏକ ସବମେରିନ୍ ଡ୍ରୋନ୍ ବୁଡ଼ିଯାଇଛି । ହୋର୍ମୁଜରେ ମୋଟ୍ ୪ଟି ଜାହାଜ ଏହି ମାଇନ୍ସର ଚାପରେ ଆସିଥିବାବେଳେ ଦୁଇଟିକୁ ଇରାନୀ ନୌସେନା ଜବତ କରିଛି । ଅଲ-ଜାଜିରାଙ୍କ ରିପୋର୍ଟ ଅନୁଯାୟୀ, ଉତ୍ତେଜନା କାରଣରୁ କଞ୍ଚା ତେଲର ଦର ୨.୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୧୮ ଡଲାରରେ ପହଞ୍ଚିଛି । ଆମେରିକାର ପଶ୍ଚିମ ଟେକ୍ସାସରେ ତେଲ ଦର ଦୁଇ ପ୍ରତିଶତ ବୃଦ୍ଧି ପାଇ ୧୦୪ ଡଲାର ହୋଇଛି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶୁକ୍ରବାର ଦିନ ସୂଚନା ଦେଇଛନ୍ତି ଯେ, ଅକ୍ଟୋବର ୨୯ ଏବଂ ୩୦ ତାରିଖରେ ଦୁଇଟି ଭିନ୍ନ ଘଟଣାରେ ଟାର୍ଗେଟ୍ ହୋଇଥିବା ଟ୍ୟାଙ୍କରଗୁଡ଼ିକରେ ଥିବା ସମସ୍ତ ୨୯ ଜଣ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । କାହାରିକୁ ଆଘାତ ଲାଗି ନାହିଁ । ଶ୍ରୀ ସୋନୋୱାଲ ଜଣାଇଛନ୍ତି ଯେ, ଗୁରୁବାର ଅକ୍ଟୋବର ୨୯ ତାରିଖ ଦିନ ଲାଇବେରିଆ ପତାକା ଲଗାଯାଇଥିବା ବିଶାଳ ତେଲ ଟ୍ୟାଙ୍କର 'ଏମଟି ଅର୍ଜାନା' ଉପରେ ଆକ୍ରମଣ ହୋଇଥିଲା, ଯେଉଁଥିରେ ଦୁଇଜଣ ଭାରତୀୟ ଥିଲେ । ସେହିପରି ଶୁକ୍ରବାର ଦିନ ପାନାମା ପତାକାଧାରୀ କଞ୍ଚା ତେଲ ଟ୍ୟାଙ୍କର 'ଏମଟି ଲୁଇସ୍ ୧' କୁ ଟାର୍ଗେଟ୍ କରାଯାଇଥିଲା, ଯେଉଁଥିରେ ୨୭ ଜଣ ଭାରତୀୟ ନାବିକ ମହଜୁଦ ଥିଲେ। ସରକାର ସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ନାବିକମାନଙ୍କ ସୁରକ୍ଷା ପାଇଁ ଜାହାଜ ପରିଚାଳନା କମ୍ପାନୀଗୁଡ଼ିକର ସଂସ୍ପର୍ଶରେ ଅଛନ୍ତି ବୋଲି ସେ କହିଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଅନୁଯାୟୀ, ଆମେରିକୀୟ ସେନାର ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ବ୍ରାଡ୍ କୁପର ଗୁରୁବାର ଦିନ ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ବିରୋଧରେ ସାମରିକ ବିକଳ୍ପଗୁଡ଼ିକ ସମ୍ପର୍କରେ ଅବଗତ କରାଇଛନ୍ତି । ଆମେରିକୀୟ ଗଣମାଧ୍ୟମରେ ଏଭଳି ଖବର ରହିଛି ଯେ, ନଭେମ୍ବର ୩ ତାରିଖରେ ହେବାକୁଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଟ୍ରମ୍ପ ଇରାନ ଉପରେ ଆକ୍ରମଣର ଘୋଷଣା କରିପାରନ୍ତି ।



ହକିରେ ଜାପାନକୁ ହରାଇ ସେମିରେ ଟିମ୍ ଇଣ୍ଡିଆ

ଚଣ୍ଡିଗଡ,୩୧।୧୦ : ପଞ୍ଜାବର ଜଳନ୍ଧରରେ ଚାଲିଥିବା ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ହ୍ୟାଟ୍ରିକ୍ ବିଜୟ ସହ ସେମି ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଦଳ ୪-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା । ମାଲେସିଆ ମଧ୍ୟ ୩ଟି ବିଜୟ ସହ ସେମିରେ ସ୍ଥାନ ପକ୍କା କରିଛି । ଭାରତ-ଜାପାନ ମ୍ୟାଚ ଏକତରଫା ରହିଥିଲା । ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଏବଂ ଦ୍ୱିତୀୟରେ ଚୀନକୁ ପରାସ୍ତ କରିଥିଲା ଟିମ୍ ହରମନ। ପ୍ରଥମ କ୍ୱାର୍ଟରର ୧୧ ମିନିଟରେ ଭାରତ ଗୋଲ ଖାତା ଖୋଲିଥିଲା । ଅଭିଷେକ ଏହି ଗୋଲଟି ଦେଇଥିଲେ । ୧୫ ମିନିଟରେ ଜାପାନ ଏହି ଗୋଲ ପରିଶୋଧ କରି ସ୍ଥିତି ୧-୧ରେ ବରାବର କରିଥିଲା । ପରବର୍ତ୍ତୀ ୨ଟି କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ହେବାରୁ ଗୋଲଶୂନ୍ୟ ରହିଥିଲା । ଅନ୍ତିମ କ୍ୱାର୍ଟରରେ ଭାରତ ପ୍ରଭାବ ବିସ୍ତାର କରି ଖେଳି କ୍ରମାନ୍ୱୟରେ ୩ଟି ଗୋଲ ଦେଇ ମ୍ୟାଚ ଜିତି ନେଇଥିଲା । ୪୭ ମିନିଟରେ ହର୍ମନପ୍ରୀତ ସିଂ, ୫୧ ମିନିଟରେ ଅଭିଷେକ ଏବଂ ୫୬ ମିନିଟରେ ବିଷ୍ଣୁକାନ୍ତ ଗୋଲ ସ୍କ ?ର କରିଥିଲେ । ଜାପାନ ଆଉ ପ୍ରତ୍ୟାବର୍ତ୍ତନର ସୁଯୋଗ ପାଇ ନଥିଲା । ଶେଷରେ ୧-୪ରେ ମ୍ୟାଚ

ପରାଜିତ ହୋଇଥିଲା । ଡବଲ ଗୋଲ ଦେଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅଭିଷେକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସେ ଏହି ପ୍ରତିଯୋଗିତାରେ ୩ଟି ଗୋଲ ସ୍କୋର କରି ସାରିଲେଣି । ସେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ । ସେମିତି ଅନ୍ୟ ୨ଟି ମ୍ୟାଚରେ ଦକ୍ଷିଣ କୋରିଆ ୨-୧ ଗୋଲରେ ଚୀନକୁ ଏବଂ ମାଲେସିଆ ୬-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା । ପୁଲ ପର୍ଯ୍ୟାୟରେ ଆଉ ୨ ରାଉଣ୍ଡ ଖେଳ ବାକି ରହିଛି । ଆସନ୍ତା ୧ ତାରିଖରେ ଭାରତୀୟ ଦଳ ମାଲେସିଆକୁ ଏବଂ ୨ ତାରିଖରେ ଦକ୍ଷିଣ କୋରିଆକୁ ଭେଟିବ। ୯ ବର୍ଷ ପରେ ପଞ୍ଜାବର ଜଳନ୍ଧରରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଛି ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି । ପ୍ରଥମ ଦିବସରେ ଭାରତ ଏକତରଫା ଭାବେ ୧୩-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ଭାରତ ଗୋଲ୍ ବର୍ଷା କରିଛି । ୧୩-୦ରେ ଧୂଳି ଚାଟିଥିଲା ବାଂଲାଦେଶ । ବାଂଲାଦେଶ ବିପକ୍ଷରେ ଭାରତ ଏକତରଫା ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ୍ ?ରେ ଚୀନକୁ ୫-୨ରେ ପରାସ୍ତ କରିଥିଲା ।

ଇତିହାସ ରଚିଲେ ମନୀଷା

ନୂଆଦିଲ୍ଲୀ,୩୧।୧୦ : ଇତିହାସ ସୃଷ୍ଟି କରିଛନ୍ତି ମନୀଷା ଭାନଓ୍ୱାଲା। ପ୍ରଥମ ଭାରତୀୟ ମହିଳା ଭାବେ କୁସ୍ତି ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ସେ। ସେହିପରି ଏହି ସଫଳତା ପାଇବାରେ ସୁଶୀଲ କୁମାରଙ୍କ ପରେ ସେ ହେଉଛନ୍ତି ଦେଶର ଦ୍ୱିତୀୟ କୁସ୍ତିଯୋଦ୍ଧା। ୨୦୧୦ ମସିହାରେ ପୁରୁଷ ୬୬ କେଜି ବିଭାଗରେ ଶୀର୍ଷ ସ୍ଥାନ ହାସଲ କରିଥିଲେ ସୁଶୀଲ କୁମାର। ମହିଳା ୫୯ କେଜି ବର୍ଗରେ ଭାଗ ନେଇଥିବା ମନୀଷା ଭାନଓ୍ୱାଲ ଆଜି ଫାଇନାଲରେ ଆମେରିକାର ଆବିଗେଲ ନେଟ୍‌ଙ୍କୁ ଭେଟିଥିଲେ। ଏହି ମୁକାବିଲା ବେଶ୍ ରୋମାଞ୍ଚକର ରହିଥିଲା। ୦-୬ ପଏଣ୍ଟରେ ପଛୁଆ ରହିଥିବା ମନୀଷା କରିଥିଲେ ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନ। ଶେଷରେ ୮-୬ ପଏଣ୍ଟରେ ବିଜୟୀ ହୋଇଥିଲେ ଓ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଏହା ସହିତ ମହିଳା କୁସ୍ତିରେ ବିଶ୍ୱ ଚାମ୍ପିଅନ ହେବା ପାଇଁ ଭାରତର ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲେ। କୁସ୍ତି ବିଶ୍ୱ ଚାମ୍ପିୟନଶିପ୍‌ର ଏହି ସଂସ୍କରଣ ଆଉ ଏକ ଦୃଷ୍ଟିକୋଣରୁ ଐତିହାସିକ ରହିବ। ଚଳିତ ଥର ପ୍ରଥମ ଥର ପାଇଁ ଗୋଟିଏ ସଂସ୍କରଣରେ ତିନି ଜଣ ଭାରତୀୟ ମହିଳା ସ୍ୱର୍ଣ୍ଣ ପଦକ ମୁକାବିଲାରେ ପହଞ୍ଚିଥିଲେ। ନୀଲମ ସିରୋହି ୫୦ କେଜି ଏବଂ କାଜଲ ଧୋଚକ ୭୬ କେଜି ବର୍ଗ ଫାଇନାଲରେ ପହଞ୍ଚିଥିଲେ। ଗତକାଲି ସେମାନେ ନିଜ ନିଜର ଫାଇନାଲ୍ ମ୍ୟାଚ୍‌ରେ ହାରିଯିବା ପରେ ରୌପ୍ୟ

ପଦକରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ୟପକ୍ଷରେ ତନୁ ଶର୍ମା ବ୍ରୋଞ୍ଜ ପଦକ ଜିତିଛନ୍ତି। କାଜାଖସ୍ତାନର ଅଲ୍‌ଟିନ୍ ଶାଗାୟେଭାଙ୍କ ବିପକ୍ଷରେ ସେମିଫାଇନାଲରେ ଦମ୍‌ଦାର ମୁକାବିଲା ପ୍ରଦର୍ଶନ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ହରିୟାଣାର ଝିଅ ମନୀଷା।

ନ୍ୟୁଜିଲାଣ୍ଡ ପହଞ୍ଚିଲେ ବିରାଟ-ରୋହିତ

ଅକଲାଣ୍ଡ,୩୧।୧୦ : ସଂପ୍ରତି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଛି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍। ଚାରୋଟି ମ୍ୟାଚ୍ ସରିଥିବା ବେଳେ ଶେଷ ଟି-୨୦ ମୁକାବିଲା ବାକି ରହିଛି। ସିରିଜରେ ଭାରତ ୩-୧ରେ ଆଗୁଆ ରହିଛି। ଟି-୨୦ ସିରିଜ୍ ପରେ ଆରମ୍ଭ ହେବ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନକିଆ ସିରିଜ୍। ଏହି ସିରିଜରେ ପୂରା କ୍ରିକେଟ୍ ଦୁନିଆର ନଜର ଷ୍ଟାରବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପରେ ରହିଛି। ରୋହିତ ଓ ବିରାଟଙ୍କ ସହିତ ଅଧିନାୟକ ଶୁଭମନ ଗିଲ୍ ନ୍ୟୁଜିଲାଣ୍ଡ ପହଞ୍ଚି ଯାଇଛନ୍ତି। ନଭେମ୍ବର ୪ରୁ ଆରମ୍ଭ ହେଉଥିବା ଦିନକିଆ ସିରିଜ୍ ପାଇଁ ଦିନକିଆ ଦଳର ଖେଳାଳିନିଜର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହା ମଧ୍ୟରେ ବିସିସିଆଇ ନ୍ୟୁଜିଲାଣ୍ଡ ବିପକ୍ଷ ଦିନକିଆ ସିରିଜ ପାଇଁ ଦଳରେ ପରିବର୍ତ୍ତନ କରିଛି। ପ୍ରସିଦ୍ଧ କୃଷ୍ଣ ଆହତଜନିତ ସମସ୍ୟା କାରଣରୁ ପୂରା ସିରିଜରୁ ବାଦ୍ ପଡ଼ିଛନ୍ତି। ପୁଣି ନୀତିଶ କୁମାର ରେଡ୍ଡୀ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଦଳରେ ଉପଲବ୍ଧ ରହିବେ। ହେଲେ ଶେଷ ୨ଟି ଦିନକିଆ ଖେଳିବେ ନାହିଁ। ନୀତିଶ ଟେଷ୍ଟ ସିରିଜର ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଇଣ୍ଡିଆ ଏ ପାଇଁ ତୃତୀୟ ଅନଅଫିସିଆଲ ଟେଷ୍ଟ ଖେଳିବେ। ତେବେ ସବୁଠୁ ଅଧିକ ଚର୍ଚ୍ଚାରେ ରହିବେ ବିରାଟ କୋହଲି ଓ ରୋହିତ ଶର୍ମା।

ଭାରତ ଓ ନ୍ୟୁଜିଲାଣ୍ଡ ଦିନକିଆ ସିରିଜର ପ୍ରଥମ ଦିନକିଆ ନଭେମ୍ବର ୪ରେ ଅକଲାଣ୍ଡରେ ଖେଳାଯିବ। ଦୁଇ ଖେଳାଳି ନିଜର ଶେଷ ଦିନକିଆ ମ୍ୟାଚ୍ ଅକ୍ଟୋବର ୩ରେ ଓ୍ୱ ?ଷ୍ଟଇଣ୍ଡିଜ ବିପକ୍ଷରେ ଖେଳିଥିଲେ। ଠିକ୍ ଗୋଟିଏ ମାସ ପରେ ମଇଦାନକୁ ଓହ୍ଲାଇବେ ରୋକୋ ଯୋଡ଼ି। ଦିନକିଆ ସିରିଜ୍ ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ବିରାଟ କୋହଲି ଓ ରୋହିତ ଶର୍ମା ସଂପ୍ରତି ଦମଦାର ଫର୍ମରେ ଅଛନ୍ତି। ଚଳିତ ବର୍ଷ ରୋହିତ ୧୨ଟି ଇନିଂସରେ ୫୦.୩୩ ହାରରେ ୬୦୪ ରନ କରିଛନ୍ତି।

ଟେଷ୍ଟ ର୍‍ୟାଙ୍କିଂ ଶୀର୍ଷରେ ଦକ୍ଷିଣ ଆଫ୍ରିକା

ମୁମ୍ବାଇ,୩୧।୧୦ : କେପ ଟାଉନ୍‌ରେ ଅଷ୍ଟ୍ରେଲିଆର ବଡ଼ ପରାଜୟ। ତୃତୀୟ ଟେଷ୍ଟ ଜିତିବାକୁ ଶେଷ ଦିନରେ ଦଳକୁ ମିଳିଥିଲା ୨୮୮ ରନର ଟାର୍ଗେଟ। କିନ୍ତୁ ଦକ୍ଷିଣ ଆଫ୍ରିକାର ଘାତକ ବୋଲିଂ ଆଗରେ ମାଟି କାମୁଡ଼ିଛି କଙ୍ଗାରୁ ଟିମ। ୫ମ ଦିନରେ ଦଳ ୨ଟି ସେସନ୍ସ ମଧ୍ୟ ବ୍ୟାଟିଂ କରିପାରି ନାହିଁ। ପୂରା ଟିମ ୧୧୧ ରନରେ ଅଲଆଉଟ ହୋଇ ଯାଇଛି। ଅଷ୍ଟ୍ରେଲିଆ ୧୭୬ ରନରେ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଦେଖାଯାଇଛି ବଡ଼ ଓଲଟ ପାଲଟ। ସେହିପରି ଦକ୍ଷିଣ ଆଫ୍ରିକା ୧୦ ବର୍ଷ ପରେ ଆଇସିସି ଟେଷ୍ଟ ଟିମର ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ପହଞ୍ଚିବାକୁ ସକ୍ଷମ ହୋଇଛି। ଅଷ୍ଟ୍ରେଲିଆକୁ ହଟାଇ ଦଳ ଏହି ସଫଳତା ପାଇଛି।

ଅଷ୍ଟ୍ରେଲିଆ ଆଜି ଦକ୍ଷିଣ ଆଫ୍ରିକା ଠାରୁ ତୃତୀୟ ଟେଷ୍ଟରେ ହାରିବାରୁ ନ୍ୟୁଜିଲ୍ୟାଣ୍ଡ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚି ଯାଇଛି। ଦଳର ବିଜୟ ପ୍ରତିଶତ ପଏଣ୍ଟ ୭୨.୨୨ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରୁ ସିଧା ୩ ନମ୍ବରକୁ ଖସିଛି। ଦକ୍ଷିଣ ଆଫ୍ରିକା ଦ୍ୱିତୀୟକୁ ଉଠିଛି। ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ପଏଣ୍ଟ ୬୯.୨୩ ରହିଛି। ସେହିପରି ଦକ୍ଷିଣ ଆଫ୍ରିକାର ପିସିଟି ୬୬.୬୭ରୁ ବଢ଼ି ସିଧା ୭୧.୪୩ରେ ପହଞ୍ଚି ଯାଇଛି। ଏହି ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ୧ ନମ୍ବର, ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଏପଟେ ଭାରତ ମଧ୍ୟ ପଏଣ୍ଟ ଟେବୁଲରେ ଗୋଟିଏ ସ୍ଥାନ ଉପରକୁ ଉଠିଛି। ଦଳର ବିଜୟ ପ୍ରତିଶତ ପଏଣ୍ଟ ରହିଛି ୫୧.୫୨।

ଓ୍ୱେଷ୍ଟଇଣ୍ଡିଜ ଠାରୁ ବାଂଲାଦେଶ ହାରିବାରୁ ଭାରତକୁ ଏହି ଫାଇଦା ମିଳିଛି। ବାଂଲାଦେଶ ଏହି ମ୍ୟାଚ୍ ପୂର୍ବରୁ ୫୫.୫୬ ପିସିଟି ସହ ଭାରତ ଉପରେ ଅର୍ଥାତ ୪ର୍ଥ ସ୍ଥାନରେ ଥିଲା। ୬ଟି ମ୍ୟାଚ୍ ?ରୁ ଦଳ ୩ଟିରେ ଜିତିଥିଲା ଓ ଗୋଟିଏ ଡ୍ର ରହିଥିଲା। ହେଲେ ଇଣ୍ଡିଜ ଠାରୁ ହାରିବା ପରେ ଦଳର ପିସିଟି ସିଧା ୪୭.୬୨କୁ ଖସି ଆସିଛି। ତେଣୁ ଭାରତ ୫ମରୁ ୪ର୍ଥକୁ ଉଠିଛି। ଭାରତ ଏଯାଏ ୧୧ଟି ମ୍ୟାଚ୍ ?ରୁ ୫ଟି ଜିତିଛି, ୪ଟି ହାରିଛି ଓ ୨ଟି ମ୍ୟାଚ ଡ୍ର କରିପାରିଛି। ବାଂଲାଦେଶକୁ ଓ୍ୱେଷ୍ଟଇଣ୍ଡିଜ ହରାଇଥିଲେ ହେଁ ଦଳର ପିସିଟି ୨୬.୯୨% ରହିଛି।

ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ମ୍ୟାଚକୁ ବିଚାରକୁ ନେଲେ ପୂରା ୫ ଦିନ ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମ ଇନିଂସରେ ଘରୋଇ ଟିମ ଦକ୍ଷିଣ ଆଫ୍ରିକା ୩୨୯ ରନ କରିଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ କରିଥିବା ୪୨୯। ଅର୍ଥାତ ଦଳକୁ ମିଳିଥିଲା ୧୦୦ ରନର ଲିଡ୍। ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ପାଇଁ ରିୟାନ ରିକେଲଟନ ୧୦୧ ରନ ଓ ଓ୍ୱିନ ମୁଲଡର ୧୧୩ ରନ କରିଥିଲେ। ଏଥିଯୋଗୁ ଦକ୍ଷିଣ ଆଫ୍ରିକା ୩୮୭ ରନ କରିପାରିଥିଲା। ଦକ୍ଷିଣ ଆଫ୍ରିକା ୪ର୍ଥ ଦିନ ଶେଷ ବେଳକୁ ଅଲଆଉଟ ହେବାରୁ ଅଷ୍ଟ୍ରେଲିଆ ଆଉ ବ୍ୟାଟିଂ କରି ନଥିଲା। ଆଜି ଶେଷ ଦିନରେ ଦଳ ୨୮୮ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକା ପାଇଁ ସ୍ପିନର ସିମନ ହାର୍ମର ଓ ଦ୍ରୁତ ବୋଲର କାଗିସୋ ରବାଡା କମାଲ କରିଥିଲେ।

ବୈଭବଙ୍କୁ ଅଣଦେଖା ଠିକ୍ ନୁହେଁ : ଯୁବରାଜ

ନୂଆଦିଲ୍ଲୀ,୩୧।୧୦ : ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ବୈଭବଙ୍କୁ ସୁଯୋଗ ମିଳିଲା ନାହିଁ । ତାଙ୍କ ଫ୍ୟାନ୍ସ ପ୍ରଶ୍ନ ଉଠାଇଥିଲେ । ସୋସିଆଲ ମିଡିଆରେ ବୈଭବଙ୍କୁ ଖେଳାଇବାକୁ ଦାବି ହେଲା । ଶେଷରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟିରେ ଇଶାନ କିଷନଙ୍କ ସ୍ଥାନରେ ସୁଯୋଗ ମିଳିଲା । କିନ୍ତୁ ଓପନିଂ ନୁହେଁ ତୃତୀୟ ନମ୍ବରରେ ଖେଳିଥଲେ ବୈଭବ । ବ୍ୟାଟିଂରେ ନିରାଶ କରିଥିଲେ । କିନ୍ତୁ ତୃତୀୟ ଟି-ଟ୍ୱେଣ୍ଟିରେ ଓ୍ୱେଲିଂଟନରେ ତାଙ୍କ ପସନ୍ଦର ପୋଜିସନରେ ଖେଳିଥିଲେ । ଅଭିଷେକଙ୍କ ସହ ମିଶି ଧୂଆଁଧାର ଇନିଂସ ଖେଳିଥିଲେ ବୈଭବ । ସଞ୍ଜୁ ସାମସନଙ୍କ ସ୍ଥାନରେ ଓପନିଂ କରିଥିଲେ ବେବି ବସ୍ । ଭାରତ ଓ୍ୱେଲିଂଟନରେ ଜବରଦସ୍ତ ବିଜୟ ହାସଲ କରିଥିଲା । କିନ୍ତୁ ଅକଲାଣ୍ଡରେ ବୈଭବଙ୍କୁ ବାଦ୍ ଦିଆଯାଇଥିଲା । ଟିମ୍ ଇଣ୍ଡିଆର ଏହି ନିଷ୍ପତ୍ତିକୁ ଗ୍ରହଣ କରିନଥିଲେ ଫ୍ୟାନ୍ସ । କେହି କେହି ଏମିତି ବି କହିଲେ କି ବୈଭବଙ୍କୁ ଡ୍ରପ କରିବାରୁ ଅକଲାଣ୍ଡରେ ଭାରତ ପରାସ୍ତ ହୋଇଛି । ଏହାରି ଭିତରେ ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂହ ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା ଏବଂ ଅନ୍ୟ ଯୁବ ଖେଳାଳିଙ୍କୁ ଦିନିକିଆ ଦଳରେ ସାମିଲ କରିବାକୁ ଦାବି କରିଛନ୍ତି । ଟିମ୍ ଇଣ୍ଡିଆ ଚୟନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଯୁବରାଜ।

ଯୁବରାଜ ସିଂହଙ୍କ ମତରେ ଭାରତୀୟ ଦଳରେ ପୂର୍ବରୁ ଅନେକ ବଡ଼ ଖେଳାଳି ଅଛନ୍ତି, ତେଣୁ ନୂଆ ଖେଳାଳିଙ୍କ ପାଇଁ ସ୍ଥାନ ସୃଷ୍ଟି କରିବା ସହଜ ନୁହେଁ। ତେବେ ଯୁବରାଜ ସିଂହ ବର୍ତ୍ତମାନର ପ୍ରଦର୍ଶନକୁ ଦେଖି ଆଶା ପ୍ରକାଶ କରିଛନ୍ତି ଯେ, ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମାଙ୍କ ପରି ଯୁବ ଖେଳାଳି ଖୁବ୍ ଶୀଘ୍ର ଦିନକିଆ ଦଳରେ ସ୍ଥାନ ପାଇବେ । ଭାରତର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହଙ୍କ ମତରେ, ଅଭିଷେକ ଶର୍ମା, ଇଶାନ କିଷାନ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳିଙ୍କୁ ଦିନକିଆ ଦଳରେ ନିୟମିତ ଭାବେ ସାମିଲ ନକରିବା ସେମାନଙ୍କ ପ୍ରତିଭା ପ୍ରତି ଅନ୍ୟାୟ କରିବା ସହ ସମାନ । ସତ କହିବାକୁ ଗଲେ, ମୁଁ ତାଙ୍କୁ (ଅଭିଷେକ ଶର୍ମାଙ୍କୁ) ଦିନିକିଆ ମ୍ୟାଚ୍‌ରେ ଦେଖିବାକୁ ଚାହିଁବି । ମୁଁ ପୂର୍ବରୁ ମଧ୍ୟ କହିଛି ଯେ, ଯଦି ଆମେ ଇଶାନ କିଷାନ, ଅଭିଷେକ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଖେଳାଳିଙ୍କୁ ୫୦ ଓଭର ବିଶିଷ୍ଟ କ୍ରିକେଟ୍ (ଦିନକିଆ) ପାଇଁ ଚୟନ କରୁନାହୁଁ, ତେବେ କେଉଁଠି ନା କେଉଁଠି ଆମେ ଆମର ପ୍ରତିଭାବାନ ଖେଳାଳିଙ୍କ ପ୍ରତି ଅନ୍ୟାୟ କରୁଛୁ ।'

ଅଭିଷେକ ଶର୍ମାଙ୍କ ସଫଳତାକୁ ଶ୍ରେୟ ଦେଇ ଯୁବରାଜ ଆହୁରି ମଧ୍ୟ କହିଲେ, 'ମୁଁ ବୁଝିପାରୁଛି ଯେ ଆମ ଦଳରେ କିଛି ଉତ୍କୃଷ୍ଟ ଖେଳାଳି ଅଛନ୍ତି ଏବଂ ସେମାନଙ୍କ ପାଇଁ ଦଳରେ ସ୍ଥାନ ତିଆରି କରିବା କଷ୍ଟକର । କିନ୍ତୁ ସେମାନେ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି, ମୋତେ ଲାଗୁଛି ଯେ ଆଶା କରାଯାଏ ସେମାନେ ଖୁବ୍ ଶୀଘ୍ର ଦଳରେ ସାମିଲ ହେବେ । ସେ ଯାହା କିଛି ହାସଲ କରିଛନ୍ତି, ତାହା କେବଳ ତାଙ୍କ କଠିନ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି ଏବଂ ଏହାର ଶ୍ରେୟ ତାଙ୍କୁ ହିଁ ଯାଏ ।'

ନ୍ୟୁଜିଲ୍ୟାଣ୍ଡ ଦିନିକିଆ ପାଇଁ ଟିମ୍ ଇଣ୍ଡିଆରେ ପରିବର୍ତ୍ତନ

ନୂଆଦିଲ୍ଲୀ,୩୧।୧୦ : ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନକିଆ ଶୃଙ୍ଖଳା ପାଇଁ ଆକିବ ନବୀଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ବିସିସିଆଇ ପୁଣି ଥରେ ଟିମ୍ ଇଣ୍ଡିଆରେ ପରିବର୍ତ୍ତନ କରିଛି। ପୂର୍ବରୁ ଜମ୍ମୁ କଶ୍ମୀରର ଆକିବ ନବୀଙ୍କୁ ତୃତୀୟ ଏବଂ ଚତୁର୍ଥ ମ୍ୟାଚ୍ ପାଇଁ ଦିନିକିଆ ଦଳରେ ସାମିଲ କରାଯାଇଥିଲା। ଏବେ ପ୍ରଥମ ତିନୋଟି ଦିନିକିଆ ପାଇଁ ମଧ୍ୟ ନବିଙ୍କୁ ଦଳରେ ସାମିଲ କରାଯାଇଛି।

ଆକିବ ନବୀ ଗତ ମାସରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଏକ ଦିନିକିଆରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ପ୍ରଥମ ମ୍ୟାଚ୍ ?ରେ ୮୪ ରନ୍ ଦେଇଥିଲେ। ତଥାପି ଦଳ ପରିଚାଳନା ଏବଂ ଚୟନକର୍ତ୍ତାମାନେ ତାଙ୍କ ଉପରେ ଭରସା କରିଛନ୍ତି। ଉଲ୍ଲେଖନୀୟ ଯେ ଶୁଭମନ ଗିଲ୍ ଏବଂ ନୀତିଶ କୁମାର ରେଡ୍ଡି ଶେଷ ଦୁଇଟି ଦିନିକିଆରେ ଖେଳିବେ ନାହିଁ। ଟେଷ୍ଟ ସିରିଜ ପାଇଁ ସେମାନଙ୍କର ପ୍ରସ୍ତୁତିକୁ

ଧ୍ୟାନରେ ରଖି ଗିଲ୍ ଏବଂ ନୀତିଶ ନଭେମ୍ବର ୧୩ ଏବଂ ୧୫ ତାରିଖରେ ଦିନିକିଆରେ ଖେଳିବେ ନାହିଁ।

ପ୍ରଥମ ତିନିଟି ଦିନିକିଆ ପାଇଁ ଭାରତ ଦଳ: ଶୁଭମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), କେ.ଏଲ୍ ରାହୁଲ, ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କାମ୍ବୋଜ, ଗୁରୁନୁର ବାର୍‌ର, ରୁତୁରାଜ ଗାଏକ୍ୱାର୍ଡ, ଅର୍ଶଦୀପ ସିଂହ, ଈଶାନ କିଶନ, ମହମ୍ମଦ ସିରାଜ, କୁଲଦୀପ ଯାଦବ, ନିତିଶ କୁମାର ରେଡ୍ଡୀ, ଆକିବ ନବୀ।

ଶେଷ ଦୁଇ ଦିନିକିଆ ପାଇଁ ଭାରତ ଦଳ: ଶ୍ରେୟସ୍ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଲକ ବର୍ମା, ଈଶାନ କିଶନ, ଅକ୍ଷର ପଟେଲ, ନମାନ ଧୀର, ଆକିବ ନବୀ, ଗୁରୁନୁର ବ୍ରାରର, ରୁତୁରାଜ ଗାଏକ୍ୱାର୍ଡ, ଅର୍ଶଦୀପ ସିଂହ, କୁମାର କୁଶାଗ୍ରା, ମହମ୍ମଦ ସିରାଜ, ଯଶ ଠାକୁର, କୁଲଦୀପ ଯାଦବ।

ଇତିହାସ ରଚିଲେ କାଗିସୋ ରାବାଡ଼ା

ନୂଆଦିଲ୍ଲୀ,୩୧।୧୦ : ଦକ୍ଷିଣ ଆଫ୍ରିକାର ଘାତକ ଦ୍ରୁତ ବୋଲର କାଗିସୋ ରାବାଡ଼ା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ରଚିଛନ୍ତି ଇତିହାସ। ରାବାଡ଼ା ଅଷ୍ଟ୍ରେଲିଆର ଅନେକ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ବିଶ୍ୱ ରେକର୍ଡ ନିଜ ନାଁରେ କରିଛନ୍ତି। ଟେଷ୍ଟ କ୍ରିକେଟରେ ଦ୍ରୁତତମ ୩୫୦ ଓ୍ୱିକେଟ୍ ନେବାର ବୋଲର ପାଲଟିଛନ୍ତି ରାବାଡ଼ା। ଏହି ଦ୍ରୁତ ବୋଲର ନିଜ ଦେଶର ବୋଲର ଡେଲ ଷ୍ଟେନଙ୍କ ଏହି ରେକର୍ଡ ଭାଙ୍ଗିଛନ୍ତି।

ରାବାଡ଼ା ଟେଷ୍ଟ କ୍ରିକେଟରେ ୧୩ ହଜାର ୮୦୮ ବଲରେ ୩୫୦ ଓ୍ୱିକେଟ୍ ଅକ୍ତିକାର କରିଛନ୍ତି। ସେ ବର୍ତ୍ତମାନ ଟେଷ୍ଟ କ୍ରିକେଟରେ ଦ୍ରୁତତମ ୩୫୦ ଓ୍ୱିକେଟ୍ ନେବାର ବୋଲର ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଡେଲ ଷ୍ଟେନଙ୍କ ନାମରେ ଥିଲା। ଷ୍ଟେନ ୧୪ ହଜାର ୭୧୯ ବଲରେ ୩୫୦ ଓ୍ୱିକେଟ୍ ପୂରଣ କରିଥିଲେ। ଏହି ତାଲିକାରେ ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଓ୍ୱାକର ୟୁନିସ ତୃତୀୟ ସ୍ଥାନରେ ରହିଛନ୍ତି। ସେ ୧୪ ହଜାର ୯୦୫ ବଲରେ ଏହି ସଫଳତା ହାସଲ କରିଥିଲେ।

ଏହା ସହିତ କାଗିସୋ ରାବାଡ଼ା ଟେଷ୍ଟ କ୍ରିକେଟରେ ୩୫୦ ଓ୍ୱିକେଟ୍ ନେବାରେ ଦକ୍ଷିଣ ଆଫ୍ରିକାର ଚତୁର୍ଥ ବୋଲର ପାଲଟିଛନ୍ତି। ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପାଇଁ ସର୍ବାଧିକ ଓ୍ୱିକେଟ୍ ଡେଲ ଷ୍ଟେନ ନେଇଛନ୍ତି। ତାଙ୍କ ନାମରେ ୪୩୯ ଓ୍ୱିକେଟ୍ ରହିଛି। ସନ ପୋଲକ ୪୨୧ ଓ୍ୱିକେଟ୍ ନେଇଥିବା ବେଳେ ମଖାୟା ଏଣ୍ଟିନିଙ୍କ ନାମରେ ୩୯୦ ଓ୍ୱିକେଟ୍ ରହିଛି। ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚରେ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରଥମ ଇନିଂସରେ ଘରୋଇ ଦକ୍ଷିଣ ଆଫ୍ରିକା ୩୨୯ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪୨୯ ରନ କରି ଗୁରୁତ୍ୱପୂର୍ଣ୍ଣ ୧୦୦ ରନର ଅଗ୍ରଣୀ ହାସଲ କରିଥିଲା।

ଶିଶୁମାନଙ୍କ ପାଇଁ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା

ଭୁବନେଶ୍ୱର,୩୧।୧୦ : ଇଣ୍ଡିଆନ୍ ଏକାଡେମୀ ଅଫ ପେଡିଆଟ୍ରିକ୍ସ (ଆଇଏପି) ଓଡ଼ିଶା- ଆଇଏପି ଓଡ଼ିପେଡିକନ୍ ୨୦୨୬ର ୪୬ତମ ବାର୍ଷିକ ସମ୍ମିଳନୀର ପ୍ରାକ୍- ସମ୍ମିଳନୀ କର୍ମଶାଳା ଅଂଶ ଭାବରେ ଶିଶୁମାନଙ୍କ ପାଇଁ ଏକ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍‌ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍‌ଡ୍ରେନ ଠାରେ ୨୦୨୬ ଅକ୍ଟୋବର ୩୦ ତାରିଖରେ ସଫଳତାର ସହିତ ଆୟୋଜିତ ହୋଇଥିଲା। ଆଇଏପି ଭୁବନେଶ୍ୱର ସିଟି ଶାଖା ପକ୍ଷରୁ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ, ଖୋର୍ଦ୍ଧା ଜିଲ୍ଲା ଶାଖା ଏବଂ ଅଙ୍କୁରା ହସ୍‌ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍‌ଡ୍ରେନ, ଭୁବନେଶ୍ୱର ସହଯୋଗୀତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପେଡିଆଟ୍ରିକ୍ ରେସ୍‌ପିରେଟୋରୀ ସପୋର୍ଟ (ଶିଶୁମାନଙ୍କର ଶ୍ୱାସ ପ୍ରଶ୍ୱାସ ଭିତ୍ତିକ ସମର୍ଥନ) ଏବଂ ମେକାନିକାଲ ଭେଣ୍ଟିଲେସନ (ଯାନ୍ତ୍ରିକ ଶ୍ୱାସକ୍ରିୟା)ରେ ଶିଶୁରୋଗ ବିଶେଷଜ୍ଞମାନଙ୍କର ଜ୍ଞାନ ଓ ପ୍ରାକ୍ଟିକାଲ ଦକ୍ଷତାକୁ ସୁଦୃଢ଼ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା। ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ରେସ୍‌ପିରେଟୋରୀ ଫିଜିଓଲୋଜି, ମେକାନିକାଲ ଭେଣ୍ଟିଲେସନ୍ ପଦ୍ଧତି, ଭେଣ୍ଟିଲେଟର ଗ୍ରାଫିକ୍ସ, ନନ୍-ଇନଭାସିଭ ଭେଣ୍ଟିଲେସନ (ଏନ୍‌ଆଇଭି), ହାଇ-ଫ୍ଲୋ ନାଜାଲ କାନୁଲା (ଏଚଏଫଏନ୍‌ସି), ଭେଣ୍ଟିଲେଟର ସେଟିଂସ୍, ସମସ୍ୟା ସମାଧାନ, ଏଆର୍‌ଡିଏସ୍ ପରିଚାଳନା ଏବଂ ଇନ୍‌ହେଲ୍‌ଡ ନାଇଟ୍ରିକ ଅକ୍ସାଇଡ (ଆଇଏନ୍‌ଓ) ଭଳି ମୁଖ୍ୟ ବିଷୟଗୁଡିକ ଉପରେ ପାରସ୍ପରିକ ଆଲୋଚନାଭିତ୍ତିକ ଅଧିବେଶନ ଏବଂ ବ୍ୟାବହାରିକ ପ୍ରଶିକ୍ଷଣ ସ୍ଥାନ ପାଇଥିଲା। ପେଡିଆଟ୍ରିକ୍ କ୍ରିଟିକାଲ କେୟାର୍ (ଗୁରୁତର ଶିଶୁ ରୋଗ) ଚିକିତ୍ସା କ୍ଷେତ୍ରରେ ବିଶିଷ୍ଟ ଅଧ୍ୟାପକ ଏବଂ ବିଶେଷଜ୍ଞମାନେ ପାରସ୍ପରିକ ଆଲୋଚନା ଏବଂ ବ୍ୟବହାରିକ ପ୍ରଦର୍ଶନ ଜରିଆରେ ସେମାନଙ୍କର ଜ୍ଞାନ ଓ ଚିକିତ୍ସା ଅନୁଭୂତି ସହଭାଗୀତା କରିଥିଲେ। କର୍ମଶାଳାରେ ଶିଶୁ ରୋଗ ବିଶେଷଜ୍ଞମାନେ ଅତ୍ୟନ୍ତ ଆଗ୍ରହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଏଥିରେ ତାତ୍ତ୍ୱିକ ଜ୍ଞାନକୁ ବ୍ୟାବହାରିକ ଚିକିତ୍ସା ଦକ୍ଷତାରେ ରୂପାନ୍ତରିତ କରିବା ଉପରେ ଜୋର୍ ଦିଆଯାଇଥିଲା। ନିରନ୍ତର ଶିକ୍ଷଣ, ବୃତ୍ତିଗତ ସହଯୋଗୀତା ଏବଂ ବ୍ୟାବହାରିକ ଦକ୍ଷତା ବିକାଶ ଜରିଆରେ ପ୍ରମାଣ ଭିତ୍ତିକ ରେସ୍‌ପିରେଟୋରୀ କେୟାର୍ (ପ୍ରମାଣ ଆଧାରିତ ଶ୍ୱାସ ପ୍ରଶ୍ୱାସ ଯତ୍ନ)କୁ ସୁଦୃଢ଼ କରିବା ଏବଂ ଗୁରୁତର ଅସୁସ୍ଥ ଶିଶୁମାନଙ୍କ ଚିକିତ୍ସା ଫଳାଫଳରେ ଉନ୍ନତି ଆଣିବା ନିମନ୍ତେ ଏକ ନୂତନ ପ୍ରତିବଦ୍ଧତା ସହିତ କର୍ମଶାଳା ପରିସମାପ୍ତ ହୋଇଥିଲା।

ବେଦାନ୍ତ ପାଓ୍ୱାରର ରାଜସ୍ୱ ୩୮% ବୃଦ୍ଧି

ନୂଆଦିଲ୍ଲୀ,୩୧।୧୦ : ବେଦାନ୍ତ ପାଓ୍ୱାର ୩୦ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକର ଫଳା ଫଳ ଘୋଷଣା କରିଛି। କମ୍ପାନୀ ତା'ର ସର୍ବକାଳୀନ ସର୍ବୋଚ୍ଚ ତ୍ରୈମାସିକ ପ୍ରଦର୍ଶନ ହାସଲ କରିଛି, ଯେଉଁଥିରେ ବାର୍ଷିକ ଆଧାରରେ ରାଜସ୍ୱ ୩୮% ବୃଦ୍ଧି ପାଇ ୨,୯୦୮ କୋଟି ଟଙ୍କା ଏବଂ ପରିଚାଳନା ଲାଭ (ଏବିଟ୍‌ଡା) ୧୨୨% ବୃଦ୍ଧି ପାଇ ୪୨୧ କୋଟି ଟଙ୍କା ହୋଇଛି। ବ୍ୟତିକ୍ରମପୂର୍ଣ୍ଣ ବିଷୟ ଗୁଡ଼ିକୁ ବାଦ ଦେଇ ପରବର୍ତ୍ତୀ ନିଟ ଲାଭ ୧୭୧% ବୃଦ୍ଧି ପାଇ୧୦୧କୋଟି ଟଙ୍କାରେ ପହଞ୍ଚିଛି, ଯାହା ଲାଭ ବୃଦ୍ଧି କ୍ଷେତ୍ରରେ କମ୍ପାନୀର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ। ଏହି ରେକର୍ଡ ସଫଳତା କମ୍ପାନୀର ବିକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି, କାରଣ ସୁଦୃଢ଼ ପରିଚାଳନା ଦକ୍ଷତା ସିଧାସଳଖ ଆୟ ବୃଦ୍ଧିରେ ରୂପାନ୍ତରିତ ହୋଇଛି। ତ୍ରୈମାସିକ ଆଧାରରେ ମଧ୍ୟ ଏହି ପ୍ରଦର୍ଶନ ସମାନ ଭାବେ ଚମତ୍କାର ରହିଛି, ଯେଉଁଥିରେ ସର୍ବକାଳୀନ ସର୍ବାଧିକ ତ୍ରୈମାସିକ ବିଦ୍ୟୁତ କ୍ରୟବଳରେ ପରିଚାଳନା ଲାଭ (ଏବିଟଡା) ୪୫% ଏବଂ ଲାଭ୨୭୧% ବୃଦ୍ଧିପାଇଛି। ଏହା କମ୍ପାନୀର ସମଗ୍ର ପୋର୍ଟ ଫୋଲିଓରେ ଶ୍ରେଷ୍ଠ ଉତ୍ପାଦନ ଓ ବିକ୍ରିକୁ ଦର୍ଶାଉଛି। ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମାଇଲଖୁଣ୍ଟ ଭାବେ ବେଦାନ୍ତ ପାଓ୍ୱାର ସେୟାର ପ୍ରତି୦.୨୧ଟଙ୍କାର ପ୍ରଥମ ସକାରାତ୍ମକ ଆୟ ରେକର୍ଡ କରିବାସହ ବ୍ୟତିକ୍ରମପୂର୍ଣ୍ଣ ବିଷୟଗୁଡ଼ିକୁ ବାଦଦେଇ ୧୦୧କୋଟି ଟଙ୍କାର ଲାଭଜନକ ସ୍ଥିତିକୁ ଫେରିଛି। ଅର୍ଥ ବର୍ଷ୨୭ର ପ୍ରଥମାର୍ଦ୍ଧ (ଏଚ୍ ୧) ପାଇଁ ବେଦାନ୍ତ ପାଓ୍ୱାର ୫,୫୧୫କୋଟି ଟଙ୍କାର ରାଜସ୍ୱ (ବାର୍ଷିକ ଆଧାରରେ ୩୫% ବୃଦ୍ଧି), ୭୧୨କୋଟି ଟଙ୍କାର ଏବିଟ୍‌ଡା ୧୭% ବୃଦ୍ଧି, ଏବଂ ବ୍ୟତିକ୍ରମପୂର୍ଣ୍ଣ ବିଷୟ ଗୁଡ଼ିକୁବାଦ ଦେଇ ୪୨କୋଟି ଟଙ୍କାର କର-ପରବର୍ତ୍ତୀ ନିଟ୍‌ଲାଭ ୧୭୮% ବୃଦ୍ଧି ଘୋଷଣା କରିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର